

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୭ ଅକ୍ଟୋବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 7 OCTOBER 2020

Vol.No. 30 ■ No. 254 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,

Dist: Mayurbhanj

2nd Admission is going on

SUMMER COURSE:- 2nd Batch Admission

Starts from: Dt.19.03.2020 and Class Starts

From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର

୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।

For better development of students are taught by highly and well experienced faculties.

Contact No: 9437294587, 9438232419, 9437443950,

ବିହାର ନିର୍ବାଚନ: ଛିଣ୍ଡିଲା ଭାଗବଣ୍ଟା

୧୨୨-୧୨୧ ଆସନରେ ଲଢ଼ିବେ ଜେଡ଼ିୟୁ-ବିଜେପି

ନୂଆଦିଲ୍ଲୀ,୬।୧୦ (ନି.ପ୍ର): ଆଗାମୀ ବିହାର ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ପାଇଁ ନାମାଙ୍କନପତ୍ର ଦାଖଲ କରିବାକୁ ଦଳ (ୟୁନାଇଟେଡ୍) ମଙ୍ଗଳବାର ଅପରାହ୍ନରେ ଆସନ ବଣ୍ଟନ ନେଇ ମୁଖାମଣା ଚୂଡ଼ାନ୍ତ ହୋଇଛି ବୋଲି ଘୋଷରା କରିଛନ୍ତି। ଏକ ମିଳିତ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଘୋଷଣା କରିଛନ୍ତି ଯେ ୨୪୩ଟି ଆସନ ମଧ୍ୟରୁ ଜେଡି(ୟୁ)କୁ ୧୨୨ଟି ଆସନ ଦିଆଯାଇଛି ଏବଂ ଏହି ୧୨୨ ଆସନ ମଧ୍ୟରୁ ହିଁ ଜେଡି)ୟୁ ଜିତନ ରାମ ମାଂଝୀଙ୍କ ହିନ୍ଦୁସ୍ତାନ ଆୱାମ

ମୋର୍ଚ୍ଚା (ଏଚ୍ଏଏମ୍)କୁ ୭ଟି ଆସନ ଦେବ। ଉଲ୍ଲେଖଯୋଗ୍ୟ, ଇତିମଧ୍ୟରେ ଏଚ୍ଏଏମ୍ ନିଜର ୭ଜଣ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ କରିସାରିଛି। ବିଜେପି ନିକଟରେ ଅବଶିଷ୍ଟ ୧୨୧ଟି ଆସନ ରହିଛି। ନୀତୀଶ କୁମାରଙ୍କ କହିବା ଅନୁଯାୟୀ ବିଜେପି ଏବଂ ବିକାଶଶୀଳ ଇନସାନ ପାର୍ଟି ମଧ୍ୟରେ ଆଲୋଚନା ଚାଲିଛି। ଯଦି ସେମାନଙ୍କ ମଧ୍ୟରେ ଆଲୋଚନା ସଫଳ ହୁଏ, ତେବେ ବିଜେପି ନିଜ କୋଟାରୁ ସେମାନଙ୍କୁ କିଛି ଆସନ ଦେବ। ତେବେ, ବିଜେପି ତୁଳନାରେ ଜେଡି(ୟୁ) କମ୍ ଆସନରେ ବିଜୟୀ ହେଲେ ବି ନୀତୀଶ କୁମାର ମୁଖ୍ୟମନ୍ତ୍ରୀ ହେବ ବୋଲି ବିଜେପି ସ୍ପଷ୍ଟ କରିଦେଇଛି। ଉଲ୍ଲେଖଯୋଗ୍ୟ, ବିହାରର ତିନି ପର୍ଯ୍ୟାୟରେ ହେବାକୁ ଥିବା ମତଦାନର ପ୍ରଥମ ପର୍ଯ୍ୟାୟ ଅକ୍ଟୋବର ୨୮ରେ ହେବ।

ଅକ୍ଟୋବର ଶେଷ ସପ୍ତାହରେ ନିଆଯିବ ସ୍କୁଲ କଲେଜ ଖୋଲିବା ନିଷ୍ପତ୍ତି : ମନ୍ତ୍ରୀ

ଭୁବନେଶ୍ୱର,୬।୧୦ (ନି.ପ୍ର): ରାଜ୍ୟରେ ସ୍କୁଲ ଓ କଲେଜ ଖୋଲିବା ନେଇ ଅକ୍ଟୋବର ଶେଷ ଆଡକୁ ନିଷ୍ପତି ନିଆଯିବ ବୋଲି ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ ପ୍ରକାଶ କରିଛନ୍ତି। ମଙ୍ଗଳବାର ଦିନ ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି ଯେ ଅକ୍ଟୋବର ଶେଷ ସପ୍ତାହରେ କରୋନାର ସ୍ଥିତିକୁ ବିଚାରକୁ ନେଇ ରାଜ୍ୟ ସରକାର ସ୍କୁଲ କଲେଜ ଖୋଲିବା ସମ୍ପର୍କରେ ନିଷ୍ପତି ନେବେ। ସ୍କୁଲ ଗୁଡିକ ଖୋଲିବାର ନିହାତି ଆବଶ୍ୟକତା ରହିଛି। ତେବେ ପିଲାଙ୍କ ସ୍ୱାସ୍ଥ୍ୟ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ପୂଜା ଛୁଟି ପୂର୍ବରୁ ସ୍କୁଲ କଲେଜ ଖୋଲିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ପୂର୍ବରୁ

ଘୋଷଣା କରିଛନ୍ତି। ଚଳିତ ମାସ ଶେଷ ଆଡକୁ ଦୁର୍ଗାପୂଜା ପଡୁଥିବାରୁ ଏହା ମଧ୍ୟରେ ସ୍କୁଲ ଖୋଲିବ ନାହିଁ। ଶେଷ ସପ୍ତାହରେ ହିଁ ନିଷ୍ପତି ନିଆଯିବ। ଉଲ୍ଲେଖ୍ୟଯୋଗ୍ୟ ଯେ କରୋନା ମହାମାରୀ ଯୋଗୁଁ ଦୀର୍ଘ ଦିନ ଧରି ଶିକ୍ଷାନୁଷ୍ଠାନ ଗୁଡିକ ବନ୍ଦ ରହିବା ପରେ ଅକ୍ଟୋବର ୧୫ରୁ ସ୍କୁଲ କଲେଜ ଖୋଲିବା ଲାଗି କେନ୍ଦ୍ର ସରକାର ନିଷ୍ପତି ନେଇଛନ୍ତି। ଶିକ୍ଷାନୁଷ୍ଠାନର କର୍ମକର୍ତାଙ୍କ ସହ ବିଚାର ବିମର୍ଶ ଆଧାରରେ ଏଗୁଡ଼ିକ ଖୋଲାଯିବ ବୋଲି ନିୟମାବଳୀରେ କୁହାଯାଇଛି। ଏହା ପରେ ରାଜ୍ୟ ପକ୍ଷରୁ ସ୍କୁଲ ଖୋଲିବା ନେଇ ସ୍ପଷ୍ଟ କରାଯାଇଛି।

ପୂର୍ବତନ ସାଂସଦ କାର୍ତ୍ତିକେଶ୍ୱର ପାତ୍ରଙ୍କ ପରଲୋକ

ଭୁବନେଶ୍ୱର,୬।୧୦ (ନି.ପ୍ର): ବାଲେଶ୍ୱରର ପୂର୍ବତନ ସାଂସଦ ତଥା ପୂର୍ବତନ ଭୋଗରାଇ ବିଧାୟକ କାର୍ତ୍ତିକେଶ୍ୱର ପାତ୍ରଙ୍କ ବିୟୋଗ ଘଟିଛି । ସେ ଜ୍ୱରରେ ପୀଡିତ ହୋଇଥିବା ବେଳେ ତାଙ୍କର ରିପୋର୍ଟ କରୋନା ପଜିଟିଭ ବାହାରିଥିଲା। ଗତ କାଲି ସଂଧ୍ୟାରେ ତାଙ୍କର ସ୍ୱାସ୍ଥ୍ୟବସ୍ଥା ଖରାପ ହେବା ପରେ ତାଙ୍କୁ ଭୁବନେଶ୍ୱର ଅଣା ଯାଉଥିଲା । ରାତ୍ରୀ ୧୧.୪୦ରେ ପାଣି କୋଇଲି ନିକଟରେ ତାଙ୍କର ମୃତ୍ୟୁ ଘଟିଥିବା ଜଣା ପଡିଛି । ଉଲ୍ଲେଖନୀୟ ଯେ ଶ୍ରୀ ପାତ୍ର ୧୯୯୧ ମସିହାରେ ଲୋକସଭା ନିର୍ବାଚନରେ ବିଜୟୀ ହୋଇଥିଲେ । ସେ ହୋଇଥିବା ୧୯୭୧, ୧୯୭୪ ତଥା ୧୯୮୦ ମସିହାରେ ଭୋଗରାଇ ବିଧାନସଭା ଆସନରୁ ବିଜୟୀ ହୋଇଥିଲେ ।

ଏପ୍ରିଲ୍ ସୁଦ୍ଧା ସବୁ ପଂଚାୟତକୁ ଇଂଟରନେଟ୍ ସଂଯୋଗ କରିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୬।୧୦ (ନି.ପ୍ର): ୫-ଟି ଢ଼ାଂଚାର ଉତମ ପ୍ରଶାସନକୁ ତ୍ୱରାନ୍ୱିତ କରିବା ଦିଗରେ ଅନ୍ୟ ଏକ ବଡ଼ ପଦକ୍ଷେପ ଭାବେ ସବୁ ଗ୍ରାମ ପଂଚାୟତକୁ ଉଚ୍ଚ କ୍ଷମତା ସମ୍ପନ୍ନ ଇଂଟରନେଟ୍ ସଂଯୋଗ କରିବା ନିମନ୍ତେ ରାଜ୍ୟ ସରକାର କାର୍ଯ୍ୟ ଯୋଜନା ଆରମ୍ଭ କରିଛନ୍ତି । ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କାର୍ଯ୍ୟାନ୍ୱୟନ କମିଟି ବୈଠକରେ ଏହା ସ୍ଥିର ହୋଇଛି । ରାଜ୍ୟ ଲୋକସେବା ଭବନରୁ ଡିଜିଟାଲ୍ ମୋଡ୍‌ରେ ଅନୁଷ୍ଠିତ ଏହି ବୈଠକରେ ଇଲେକ୍‌ଟ୍ରୋନିକ୍ସ ଏବଂ ପ୍ରଯୁକ୍ତି ବିଦ୍ୟା ବିଭାଗ ଶାସନ ସଚିବ ମନୋଜ କୁମାର ମିଶ୍ର ଇଂଟରନେଟ୍ ସଂଯୋଗ ସମ୍ବନ୍ଧିତ ପ୍ରଶାସନିକ, ବୈଷୟିକ ଏବଂ ଆର୍ଥିକ ବିଷୟ ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ ।

ଏ କ୍ଷେତ୍ରରେ ଭାରତ ନେଟ୍ ଯୋଜନାରେ ହୋଇଥିବା ଅଗ୍ରଗତିର ସମୀକ୍ଷା କରି ଏପ୍ରିଲ୍ ମାସ ସୁଦ୍ଧା ସମସ୍ତ ଗ୍ରାମ ପଂଚାୟତକୁ ଇଂଟରନେଟ୍ ସଂଯୋଗ କରିବା ନିମନ୍ତେ ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ ନିର୍ଦ୍ଦେଶ ଦେଇଥିଲେ । ଶ୍ରୀ ତ୍ରିପାଠୀ କହିଥିଲେ ଯେ, ଡିଜିଟାଲ୍ ଭିତିଭୂମି ରାଜ୍ୟ ବିକାଶର ଏକ ପ୍ରମୁଖ ଚାଳକ ହେବ । ପ୍ରତି ପଂଚାୟତର ମୁକ୍ୟ କାରବାର କେନ୍ଦ୍ରରେ ୱାଇ ଫାଇ ସଂଯୋଗ ଦେବା ପାଇଁ ମଧ୍ୟ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ପଂଚାୟତ ସ୍ତରରେ ଥିବା ସବୁ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ମେଡ଼ିକାଲ ଆଦି ଏହି ଇଂଟରନେଟ୍ ସେବା ପାଇପାରିବେ । ଇଂଟରନେଟ୍ ଭିତିଭୂମିର ଉପଯୁକ୍ତ ରକ୍ଷଣା ବେକ୍ଷଣ ଏବଂ ଆବଶ୍ୟକ ସ୍ଥଳେ ଉନ୍ନତିକରଣ ନିମନ୍ତେ ଏକ ନିର୍ଦ୍ଦିଷ୍ଟ ଆନୁଷ୍ଠାନିକ ବ୍ୟବସ୍ଥା ବ୍ୟବସ୍ଥିତ କରିବା ପାଇଁ ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । ପ୍ରତି ଗ୍ରାମ ପଂଚାୟତରେ ୫ଟି ଇଂଟରନେଟ୍ ପଏଂଟ ଯୋଗାଇବା ନିମନ୍ତେ ବୈଠକରେ ସ୍ଥିର କରାଯାଇଥିଲା । ସେଥିରୁ ସମସ୍ତ କାର୍ଯ୍ୟାଳୟ ମାନେ ସଂଯୋଗ ନେଇପାରିବେ । ପଂଚାୟତର ମୁଖ୍ୟ ବ୍ୟବସାୟିକ ସ୍ଥାନରେ ୱାଇ-ଫାଇ ସଂଯୋଗ ରହିବ । ଟେଲି ମେଡ଼ିସିନ୍ କେନ୍ଦ୍ର, କୃଷି-କିଓସ୍କ ଆଦିକୁ ମଧ୍ୟ ସଂଯୋଗିତ କରାଯିବ । ପ୍ରଯୁକ୍ତି ବିଦ୍ୟା ଶାସନ ସଚିବ ମନୋଜ କୁମାର ମିଶ୍ର କହିଥିଲେ ଯେ, ବର୍ତମାନ ସୁଦ୍ଧା ୨୨,୫୪୧ କି.ମି. ଅପଟିକାଲ

▶▶ପୃଷ୍ଠା ୭

ଦିନକ ପୂର୍ବରୁ ସରିଲା ବିଧାନସଭା

- ଗୃହ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମୁଲତବୀ
- ୭ ଦିନରେ ୭ ବିଲ୍ ପାସ୍ , ଉପସ୍ଥାପିତ ହେଲା ସିଏଜି ରିପୋର୍ଟ

ଭୁବନେଶ୍ୱର,୬।୧୦ (ନି.ପ୍ର): ନିର୍ଦ୍ଧାରିତ ସମୟର ଦିନକ ପୂର୍ବରୁ ବିଧାନସଭାର ମୌସୁମୀ ଅଧିବେଶନ ଶେଷ ହୋଇଛି। ଅନ୍ୟ କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ନଥିବାରୁ ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ର ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିଛନ୍ତି। କରୋନା କଟକଣା ମଧ୍ୟ ରେ ସେପ୍ଟେମ୍ବର ୨୯ ତାରିଖରୁ ଆରମ୍ଭ ହୋଇଥିବା ଏହି ଅଧିବେଶନ ଅକ୍ଟୋବର ୭ ତାରିଖରେ ଶେଷ ହୋଇଥାନ୍ତା। ଚଳିତ ଅଧିବେଶନରେ ମୋଟ ୭ ଟି ବିଲ୍ ପାସ୍ ହୋଇଥିବା ବେଳେ ଶେଷ ଦିନରେ ୫ଟି ବିଲ୍ ପାରିତ ହୋଇଛି। ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ ୨୦୨୦, ଓଡିଶା ଆଇନଜୀବୀ କଲ୍ୟାଣ ପାଣ୍ଠି ସଂଶୋଧନ ବିଲ, ଓଡିଶା ଦ୍ରବ୍ୟ ଓ ସେବାକର ସଂଶୋଧନ ବିଲ, ଓଡିଶା ପୌର ବିଧି ସଂଶୋଧନ ବିଲ, ଶିଳ୍ପ ବିବାଦ ଓଡିଶା ସଂଶୋଧନ ବିଲ ପାରିତ ହୋଇଛି । ପୂର୍ବରୁ ନ୍ୟାୟାଳୟ ଫିସ୍ ଓଡିଶା ସଂଶୋଧନ ବିଲ୍ ୨୦୨୦ ଓ ସଂକ୍ରାମକ ରୋଗ ସଂଶୋଧନ ବିଲ୍ ଆଲୋଚନା ହୋଇ ପାରିତ ହୋଇଥିଲା। ସେହିପରି ଶେଷ ଦିନରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବିଧାନସଭାରେ ସିଏଜି ରିପୋର୍ଟ ଉପସ୍ଥାପିତ କରିଥିଲେ। ଷୋଡଶ ବିଧାନସଭାର ଚତୁର୍ଥ ଅଧିବେଶନ ଟି କାର୍ଯ୍ୟ ଦିବସ ଦୃଷ୍ଟିରୁ ସ୍ୱଳ୍ପକାଳୀନ ହୋଇଥିଲେ ହେଁ ଗୁରୁତ୍ୱପୂର୍ଣ୍ଣ ଥିଲା। ବିଶେଷ କରି କରୋନା ସଂକ୍ରମଣ କାଳରେ ଅଧିବେଶନ ଚଳାଇବା ଏକ

ଆହ୍ୱାନ ଥିଲା। ଅଧିବେଶନ ପୂର୍ବରୁ ସମସ୍ତ ସଦସ୍ୟ , କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କର କରୋନା ପରୀକ୍ଷା କରାଯାଇଥିଲା। ସେହିପରି ଗୃହରେ ସାମାଜିକ ଦୂରତା ରକ୍ଷା କରି ବସିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ଗୃହ ୨ ଟି ପର୍ଯ୍ୟାୟରେ ସାଢେ ୪ ଘଂଟା ଲେଖାଏଁ ଚାଲିଥିଲା। ବିଧାନସଭାର

▶▶ପୃଷ୍ଠା ୭

ରାଜସ୍ୱ କ୍ଷତିପୂରଣ ବାବଦରେ ରାଜ୍ୟ ଗୁଡିକୁ କେନ୍ଦ୍ରର ୨୦ ହଜାର କୋଟି ଜାରି ପ୍ରସଙ୍ଗ

ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର,୬।୧୦ (ନି.ପ୍ର): ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ରାଜ୍ୟ ଗୁଡ଼ିକୁ ରାଜସ୍ୱ କ୍ଷତିପୂରଣ ବାବଦରେ ୨୦ ହଜାର କୋଟି ଟଙ୍କା ଜାରି କରିବା ଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଧନ୍ୟବାଦ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସେହିପରି ୨୦୧୮-୧୯ ଆର୍ଥିକ ବର୍ଷର ସମନ୍ୱିତ ସାମଗ୍ରୀ ଏବଂ ସେବା ଟିକସ (ଆଇଜିଏସଟି) ବାବଦରେ ଅତିରିକ୍ତ ୨୫ ,ହଜାର କୋଟି ଟଙ୍କା ସପ୍ତାହକ ଭିତରେ ରାଜ୍ୟ ଗୁଡ଼ିକୁ ଦିଆଯିବା ନିଷ୍ପତିକୁ ଶ୍ରୀ ପ୍ରଧାନ ସ୍ୱାଗତ କରିଛନ୍ତି । ୪୨ତମ ଜିଏସଟି ପରିଷଦ ବୈଠକରେ ଅତିରିକ୍ତ

ଭାବରେ ଜିଏସଟି କ୍ଷତିପୂରଣ ସେସକୁ ୨୦୨୨ ପରକୁ ସମ୍ପ୍ରସାରଣ କରାଯାଇଛି । ଅର୍ଥାତ୍ ଜିଏସଟି କାର୍ଯ୍ୟାନ୍ୱୟନର ୫ ବର୍ଷ ପରିବର୍ତେ ରାଜ୍ୟ ଗୁଡ଼ିକ ୨୦୨୨ ପରେ ବି ଏବାବଦ କ୍ଷତିପୂରଣ ପାଇବେ । ଅପରପକ୍ଷରେ ସଚୋଟ ଟିକସଦାତାଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସରକାର ମଧ୍ୟ ନିଷ୍ପତି ନେଇଛନ୍ତି ଯେ ଯେଉଁ ଟିକସଦାତାଙ୍କର ବାର୍ଷିକ ବ୍ୟବସାୟ ୫ କୋଟି ଟଙ୍କାରୁ କମ୍, ସେମାନଙ୍କୁ ମାସିକ ଜିଏସଟି ରିଟର୍ଣ୍ଣ ଦାଖଲ କରିବା ଆବଶ୍ୟକ ହେବ ନାହିଁ । ସେମାନେ

▶▶ପୃଷ୍ଠା ୭

ରାଜ୍ୟରେ ବିଭିନ୍ନ ଜିଲ୍ଲାରେ କରୋନା ସ୍ଥିତି

ଭୁବନେଶ୍ୱର,୬।୧୦ (ନି.ପ୍ର): ଆଜି ଖୋର୍ଧା ଜିଲ୍ଲାରେ ୪୪୮ ଟି ନୂଆ କରୋନା ମାମଲା ସାମନାକୁ ଆସିବା ପରେ ଜିଲ୍ଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢି ୪୧,୧୫୦ ହୋଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଏହି ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି ସୁଦ୍ଧା ଅନୁଗୁଳ ଜିଲ୍ଲାରେ ୪୯୯୩, ବାଲେଶ୍ୱର ଜିଲ୍ଲାରେ ୮୧୫୭ , ବରଗଡ ଜିଲ୍ଲାରେ ୬୯୮୪, ଭଦ୍ରକ ଜିଲ୍ଲାରେ ୫୬୩୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବଲାଙ୍ଗିର ଜିଲ୍ଲାରେ ୪୮୮୮. ବୌଦ୍ଧ ଜିଲ୍ଲାରେ ୨୦୫୧, କଟକ ଜିଲ୍ଲାରେ ୨୨,୧୨୩, ଦେବଗଡ ଜିଲ୍ଲାରେ ୭୩୫, ଢେଙ୍କାନାଳ ଜିଲ୍ଲାରେ ୪୦୮୯. ଗଜପତି ଜିଲ୍ଲାରେ ୩୬୬୧, ଗଂଜାମ ଜିଲ୍ଲାରେ ୨୦୪୨୦ , ଜଗତସିଂହପୁର ଜିଲ୍ଲାରେ ୫୭୨୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଯାଜପୁର ଜିଲ୍ଲାରେ ୯୦୨୩, ଝାରସୁଗୁଡା ଜିଲ୍ଲାରେ ୪୯୭୮, କଳାହାଣ୍ଡି ଜିଲ୍ଲାରେ ୩୬୫୨, କନ୍ଧମାଳ ୪୮୧୩, କେନ୍ଦ୍ରାପଡା ଜିଲ୍ଲାରେ ୫୭୮୩, କେନ୍ଦୁଝର ଜିଲ୍ଲାରେ ୪୮୫୮ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। କୋରାପୁଟ ଜିଲ୍ଲାରେ ୬୪୩୩ , ମାଲକାନଗିରି ଜିଲ୍ଲାରେ ୩୯୧୪, ମୟୁରଭଂଜ ଜିଲ୍ଲାରେ ୮୮୨୧. ନବରଙ୍ଗପୁର ଜିଲ୍ଲାରେ ୪୦୩୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ସାରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ନୟାଗଡ ଜିଲ୍ଲାରେ ୫୧୩୧, ନୂଆପଡା ଜିଲ୍ଲାରେ ୩୭୦୨ , ପୁରୀ ଜିଲ୍ଲାରେ ୧୦,୭୯୬, ରାୟଗଡା ଜିଲ୍ଲାରେ ୭୬୫୮. ସମ୍ବଲପୁର ଜିଲ୍ଲାରେ ୬୫୯୦ . ସୁବର୍ଣ୍ଣପୁର ଜିଲ୍ଲାରେ ୩୩୦୩ ଓ ସୁନ୍ଦରଗଡ ଜିଲ୍ଲାରେ ୮୦୪୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।ରାଜ୍ୟପୁଲରେ ଆକ୍ରାନ୍ତଙ୍କ ସଂଖ୍ୟା ବଢି ୫୯୦୮ ହୋଇଛି ।

୧୦ ଜିଲ୍ଲାକୁ ଯେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର,୬।୧୦ (ନି.ପ୍ର):ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ଆଉ ୨୪ ଘଂଟା ପର୍ଯ୍ୟନ୍ତ ବର୍ଷା ଲାଗି ରହିବ ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷର ସୂଚନା ଦିଆଯାଇଛି। ୭ ତାରିଖ ମଧ୍ୟରେ ପ୍ରବଳ ବର୍ଷା ସମ୍ଭାବନା ଥିବା ୧୦ ଟି ଜିଲ୍ଲାକୁ ଯେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ଜିଲ୍ଲାଗୁଡିକ ହେଲା ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ବରଗଡ, ବଲାଙ୍ଗୀର, ଝାରସୁଗୁଡା, ସୁନ୍ଦରଗଡ, ବାଲେଶ୍ୱର, ଭଦ୍ରକ ଓ କେନ୍ଦ୍ରାପଡା।

ଆରୋଗ୍ୟ ଲାଭ କରିଥିଲେ ବି କୋଭିଡ୍ ନିୟମ ପାଳନ କରିବା ଆବଶ୍ୟକ

ଭୁବନେଶ୍ୱର,୬।୧୦ (ନି.ପ୍ର): କୋଭିଡ୍‌ରୁ ଆରୋଗ୍ୟ ଲାଭ କରିଥିଲେ ମଧ୍ୟ ସମସ୍ତେ ମାସ୍କ ପିନ୍ଧିବା, ସାମାଜିକ ଦୂରତ୍ୱ ରକ୍ଷା କରିବା ଓ ହାତ ପରିଷ୍କାର କରିବାକୁ ଗୁରୁତ୍ୱର ସହିତ ମାନିବା ଉଚିତ। ସେମାନେ ପ୍ରୋଟିନ୍ ସମୃଦ୍ଧ ଓ କମ୍ କାର୍ବୋହାଇଡ୍ରେଟ୍ ଥିବା ପୁଷ୍ଟିକର ଖାଦ୍ୟ ଗ୍ରହଣ କରିବା ଉଚିତ। କାଭିଡ୍‌ରୁ ଆରୋଗ୍ୟ ଲାଭ କରିବା ପରେ ଯଦି କୌଣସି ଲକ୍ଷଣ ପ୍ରକାଶ ପାଉନଥାଏ ତେବେ ସୁସ୍ଥ ବ୍ୟକ୍ତି ତାଙ୍କ କାର୍ଯ୍ୟରେ ଯୋଗଦେଇପାରିବେ କିନ୍ତୁ ସେ କୋଭିଡ୍ ନିୟମ ଅନୁପାଳନ କରିବା ଆବଶ୍ୟକ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ଏସ୍‌ସିବି ମେଡିକାଲ୍ କଲେଜ୍ ର ପ୍ରଫେସର ଡାକ୍ତର ଜୟନ୍ତ ପଣ୍ଡା ଏବଂ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡାକ୍ତର ଅମରେନ୍ଦ୍ରନାଥ ମହାନ୍ତି କହିଛନ୍ତି। ଡା. ପଣ୍ଡା କହିଛନ୍ତି ଯେ କୋଭିଡ-୧୯ରୁ ମୁକ୍ତ ହେବା ପରେ ମଧ୍ୟ ଯଦି ଜ୍ୱର, କାଶ, ଛିଙ୍କ ଭଳି ଆଦି ଲକ୍ଷଣ ଦେଖାଯାଉଛି, ତାହେଲେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। କରୋନା ସଂକଟ ସମୟରେ ଯୋଗ ଚିକିତ୍ସା ଭଳି କାମ କରୁଛି। ଆଜିର ଦିନରେ ସମଗ୍ର ବିଶ୍ୱରେ ଯୋଗକୁ ଗ୍ରହଣ କରାଯାଉଛି। କୋଭିଡ, ଫୁସଫୁସ ଓ ଶ୍ୱାସନଳୀ ଜନିତରୋଗ କପାଳ ଭାତୀ ଯୋଗ ମାଧ୍ୟମରେ ଭଲ ହୋଇପାରୁଛି।

▶▶ପୃଷ୍ଠା ୭

ରାଜ୍ୟରେ ଆଉ ୧୬ ଜଣଙ୍କର କରୋନାରେ ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୯୪୦ ହେଲା

ଭୁବନେଶ୍ୱର,୬।୧୦ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୬ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୯୪୦ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବ

ହୋମ ଆଇସୋଲେସନ୍ ରୋଗୀଙ୍କ ପାଇଁ ଫାଭିପିରାଭିର୍ ଥେରାପି ଆରମ୍ଭ

ଭୁବନେଶ୍ୱର,୦୬।୧୦ (ନି.ପ୍ର): ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଘରେ ସଙ୍ଗରୋଧରେ ରହୁଥିବା କୋଭିଡ୍ ରୋଗୀମାନଙ୍କ ନିମନ୍ତେ ଫାଭିପିରାଭିର୍ ଥେରାପି ଆରମ୍ଭ କରିବା ସକାଶେ ପଦକ୍ଷେପ ଗ୍ରହଣ କରିବାକୁ ନିଷ୍ପତି ନିଆଯାଇଛି । କୋଭିଡ୍ ମହାମାରୀ ନେଇ ଉପଲବ୍ଧ ନୂତନ ଚିକିତ୍ସା ତଥ୍ୟ ଏବଂ ପ୍ରାମାଣିକତା ଆଧାରରେ ଆଂଟିଭାଇରାଲ୍ ଔଷଧ ହିସାବରେ ଫାଭିପିରାଭିର ଉତମ ଫଳାଫଳ ପ୍ରମାଣିତ ହୋଇଛି । ଏହା ଘରେ ସଙ୍ଗ ରୋଧରେ ଥିବା ରୋଗୀମାନ ଙ୍କୁ ଜଟିଳ ହେବା ସମସ୍ୟାରୁ ରକ୍ଷା କରିବ । ମୁଖ୍ୟ ଶାସନ ସଚିବ ଫାଭିପିରାଭିର୍ ଔଷଧ ସେବନ ବାବଦ ରେ ଡାକ୍ତର ମାନଙ୍କ ନିମନ୍ତେ ଏକ ମାର୍ଗଦର୍ଶିକା ଜାରି କରି ଏହାର ବହୁଳ ପ୍ରସାରଣ ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି ।ରାପିଟ୍ ରେସ୍‌ପନ୍ସ ଟିମ୍ ର ସଦସ୍ୟମାନଙ୍କୁ ସଙ୍ଗରୋଧରେ ଥିବା ରୋଗୀ ଏହି ଔଷଧ ସେବନ କରିବା ନେଇ ଉପଯୁକ୍ତ ଆକଳନ ନିମନ୍ତେ ତାଲିମ ଦେବା ଉପରେ ମଧ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । କୋଭିଡ୍ ରୋଗୀଙ୍କ ସମ୍ମତି ମିଳିବା ପରେ ହିଁ ଏହି ଚିକିତ୍ସା ଆରମ୍ଭ କରାଯାଇପାରିବ । ରାପିଡ ରେସ୍‌ପନ୍ସ ଟିମ୍‌ର ସଦସ୍ୟମାନେ ରୋଗୀଙ୍କୁ ଔଷଧ ଦେବା ସହ 'କ'ଣ କରିବେ ଓ କ'ଣ ନକରିବେ' ସେ ସଂପର୍କରେ ଯଥାର୍ଥ ସୂଚନା ପ୍ରଦାନ କରିବେ ଏବଂ ରୋଗୀର ପ୍ରତିକ୍ରିୟା ଓ ଉନ୍ନତି ବାବଦରେ କିପରି ଓ କାହାକୁ ଯୋଗାଯୋଗ କରିବେ ସେ ବାବଦରେ ସଙ୍ଗରୋଧରେ ଥିବା ରୋଗୀଙ୍କ ଘରେ ଯାଇ ପରାମର୍ଶ ଦେବେ । ଅତିରିକ୍ତ ମୁଖ୍ୟ ଶାସନ ସଚିବ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶ୍ରୀ ପ୍ରଦୀପ୍ତ କୁମାର ମହାପାତ୍ର, ସୂଚନା ଓ ଲୋକସଂପର୍କ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ସଂଜୟ କୁମାର ସିଂ, ଆଇଟି ସଚିବ ଶ୍ରୀ ମନୋଜ କୁମାର ମିଶ୍ର, ଡାକ୍ତର ସଂପଦ ଦାସ, ଡାକ୍ତର ଜୟନ୍ତ ପଣ୍ଡା, ଡାକ୍ତର ସି.ବି.କେ. ମହାନ୍ତିଙ୍କ ସମେତ ବରିଷ୍ଠ ଅଧିକାରୀ, ଡାକ୍ତର ଓ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଏହି ବୈଠକରେ ଅଂଶଗ୍ରହଣ କରିଥିଲେ ।

ସମସ୍ତଙ୍କ ପାଇଁ ଆବାସ ଯୋଜନା ନେଇ ସରକାର ପ୍ରତିବଦ୍ଧ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୦୬।୧୦ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ବିଶ୍ୱ ବସତି ଦିବସ ଅବସରରେ କହିଛନ୍ତି ଯେ ସ୍ୱଳ୍ପ ଆୟକାରୀ ବର୍ଗ ଓ ସମ୍ବେଦନଶୀଳ ଜନସାଧାରଣଙ୍କୁ ସୁରକ୍ଷିତ ଓ ଶସ୍ତା ଘର ସୁନିଶ୍ଚିତ କରିବାରେ ଓଡ଼ିଶା ମହତ୍ୱପୂର୍ଣ୍ଣ ପ୍ରଗତି ହାସଲ କରିଛି । ସେ ପୁଣି କହିଛନ୍ତି ଯେ ସମନ୍ୱିତ ବିକାଶ ପାଇଁ ପାନୀୟ ଜଳ, ପରିମଳ ଓ ଅନ୍ୟାନ୍ୟ ଭିତିଭୂମି ସୁବିଧା ଥିବା 'ସମସ୍ତଙ୍କ ପାଇଁ ଆବାସ' ଯୋଜନା ନେଇ ରାଜ୍ୟ ସରକାର ପ୍ରତିବଦ୍ଧ ।

ସୁନ୍ଦରଗଡ଼ରେ ୫ ବର୍ଷରେ ୫୪୬ ଶିଶୁ ମୃତ

ଭୁବନେଶ୍ୱର,୦୬।୧୦ (ନି.ପ୍ର): ସୁନ୍ଦରଗଡ଼ ନିର୍ବାଚନ ମଣ୍ଡଳୀରେ ୨୦୧୫ରୁ ବର୍ତମାନ ସୁଦ୍ଧା ୫୪୬ ଜଣ ଶିଶୁ ବିଭିନ୍ନ ସ୍ୱାସ୍ଥ୍ୟଗତ କାରଣରୁ ମୃତ୍ୟୁବରଣ କରିଛନ୍ତି । ବିଜେପି ବିଧାୟିକା କୁସୁମ ଟେଟେଙ୍କ ଏକ ପ୍ରଶ୍ନର ଉତରରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ମହିଳା ଓ ଶିଶୁ ବିକାଶ ଏବଂ ମିଶନ୍ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ । ମନ୍ତ୍ରୀ ତାଙ୍କ ଉତରରେ କହିଛନ୍ତି ଯେ ରାଜ୍ୟରେ ୬ ମାସରୁ ୬ ବର୍ଷ ବୟସର ଶିଶୁ ଏବଂ ଗର୍ଭବତୀ ଓ ପ୍ରସୂତୀ ମହିଳାଙ୍କୁ ପରିପୂରକ ପୁଷ୍ଟି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତିମାସରେ ୨୫ ଦିନ ପାଇଁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯାଉଛି । ପୁଷ୍ଟିହୀନତା ହ୍ରାସ ନିମନ୍ତେ ଏହି ଯୋଜନାରେ ଅଙ୍ଗନବାଡ଼ି କେନ୍ଦ୍ର ଜରିଆରେ ନୂତନ ଖାଦ୍ୟ ତାଲିକା ଅନୁଯାୟୀ ୨୫ ଦିନ ପାଇଁ ପୁଷ୍ଟିକର ଖାଦ୍ୟ ମିଳୁଛି । ୬ ମାସରୁ ୩ ବର୍ଷ ବୟସର ସାଧାରଣ ଶିଶୁଙ୍କୁ ମାସକୁ ୨୪୫୦ କିଲୋଗ୍ରାମ୍ ଓଜନର ଛତୁଆ, ଦେଢ଼ କିଲୋ ଓଜନର ଶୁଖିଲା ରାସନ, ୧୨ଟି ସିଝା ଅଣ୍ଡା ମିଳୁଛି । ୬ ମାସରୁ ୩ ବର୍ଷ ବୟସର ଅତିଶୟ କମ୍ ଓଜନର ଶିଶୁଙ୍କୁ ୪୯୦୦ କିଲୋଗ୍ରାମ୍ ଛତୁଆ, ୧୯.୬୭ ଓଜନ ବିଶିଷ୍ଟ ୮୩ଟି ମାଣ୍ଡିଆ କିମ୍ବା ବେସନ ଲଡୁ ଓ ୧୨ଟି ସିଝା ଅଣ୍ଡା ମିଳୁଛି । ଯେଉଁ ଶିଶୁମାନେ ଅଣ୍ଡା ଖାଇବେ ନାହିଁ ସେମାନଙ୍କୁ ମାସକୁ ଅତିରିକ୍ତ ଭାବେ ୬୦ଟି ଲଡୁ ପ୍ରଦାନ କରାଯିବାର ବ୍ୟବସ୍ଥା ହୋଇଛି । ୩ ବର୍ଷରୁ ୬ ବର୍ଷ ବୟସର ଅତିଶୟ କମ୍ ଓଜନ ବିଶିଷ୍ଟ ଶିଶୁଙ୍କୁ ମାସକୁ ୧୮୦୦ କିଲୋଗ୍ରାମ୍ ଓଜନର ଛତୁଆ, ୪୨ଟି ମାଣ୍ଡିଆ/ବେସନ ଲଡୁ ଦିଆଯାଉଛି । ୩ରୁ ୬ ବର୍ଷ ବୟସର ଶିଶୁଙ୍କୁ ଅଙ୍ଗନବାଡ଼ି କେନ୍ଦ୍ରରେ ଗରମ ରନ୍ଧା ଖାଦ୍ୟରେ ସପ୍ତାହକୁ ୫ଟି ଅଣ୍ଡା ଦିଆଯାଉଥିବା ମନ୍ତ୍ରୀ ଶ୍ରୀମତୀ ସାହୁ ତାଙ୍କ ଉତରରେ ଉଲ୍ଲେଖ କରିଛନ୍ତି ।

ସୁନ୍ଦରଗଡ଼ ଆଇଟିଆଇରେ ବର୍ଷକୁ ତାଲିମ ନେଉଛନ୍ତି ୫୬୦ ପ୍ରଶିକ୍ଷାର୍ଥୀ

ଭୁବନେଶ୍ୱର,୦୬।୧୦ (ନି.ପ୍ର): ସୁନ୍ଦରଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଥିବା ୨ଟି ବେସରକାରୀ ଆଇଟିଆଇ ଫିଟର୍ ଟ୍ରେଡ ରେ ବର୍ଷକୁ ୪୮୦ ଜଣ ଓ ୱେଲ୍ଡର ଟ୍ରେଡ୍ ରେ ୮୦ ଜଣ ପ୍ରଶିକ୍ଷାର୍ଥୀଙ୍କୁ ତାଲିମ୍ ଦେବାର ବ୍ୟବସ୍ଥା ରହିଛି । ବିଜେପି ବିଧାୟିକା କୁସୁମ ଟେଟେଙ୍କ ଏକ ପ୍ରଶ୍ନର ଉତରରେ ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକା ଶିକ୍ଷା ମନ୍ତ୍ରୀ ପ୍ରେମାନନ୍ଦ ନାୟକ ବିଧାନସଭାରେ ଏହି ସୂଚନା ଦେଇଛନ୍ତି । ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ଯୁବକ ଯୁବତୀମାନଙ୍କୁ ଦକ୍ଷତା ବିକାଶ ତାଲିମ୍ ଜରିଆରେ ନିଯୁକ୍ତି ପ୍ରଦାନ ଲାଗି ତାଲିମ୍ କାର୍ଯ୍ୟକ୍ରମରେ ବିଭିନ୍ନ ଟ୍ରେଡରେ ତାଲିମ୍ ଦିଆଯାଇଥାଏ । ସେଥିମଧ୍ୟରେ ମିସ୍ତ୍ରୀ, ରାଜମିସ୍ତ୍ରୀ, ବଢ଼େଇ ଆଦି କାମରେ ଯୁବକ ଯୁବତୀମାନ୍‌ଙ୍କୁ ତାଲିମ ଦିଆଯାଉଛି । ଏହାଛଡ଼ା ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧିନରେ ଚଳାଯାଉଥିବା ଦିନ୍ ଦୟାଳ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ମାଧ୍ୟମରେ ୧୦ ଜଣ ୱେଲ୍ଡର ଓ ୧୧ ଜଣ ଫିଟର ଙ୍କୁ ତାଲିମ୍ ଦିଆଯାଇଛି । ଓରମାସ୍ ମାଧ୍ୟମରେ ସୁନ୍ଦରଗଡ଼ ଜିଲ୍ଲାରେ ୫୭୦ ଜଣ ପ୍ରାର୍ଥୀଙ୍କୁ ମିସ୍ତ୍ରୀ/ ରାଜମିସ୍ତ୍ରୀ ଟ୍ରେନିଂରେ ସାମିଲ କରାଯାଇଛି । ଏହି କାର୍ଯ୍ୟକ୍ରମ ଜରିଆରେ ମାଗଣା ତାଲିମ୍ ସହିତ ମଜୁରୀ ବାବଦୀୟ ଅର୍ଥ, ଯନ୍ତ୍ରପାତି ଓ ମାନପତ୍ର ଆଦି ଦିଆଯାଉଥିବା ମନ୍ତ୍ରୀ ତାଙ୍କ ଉତରରେ ଦର୍ଶାଇଛନ୍ତି ।

କଟକରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିଥିବାରୁ ୧୬୧ ଜଣଙ୍କ ଠାରୁ ଜୋରିମାନା

ଭୁବନେଶ୍ୱର,୦୬।୧୦ (ନି.ପ୍ର): କମିଶନରେଟ ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ କଟକରେ ୧୬୧ ଜଣଙ୍କ ଠାରୁ ଜୋରିମାନା ଆଦାୟ କରିଛି । ସେହିପରି ସାମାଜିକ ଦୂରତ୍ୱ ନିୟମ ପାଳନ କରି ନ ଥିବା ଅଭିଯୋଗରେ ୭୮୨ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । ମୋଟର ଯାନ ଆଇନ୍ ଓ ଓଡିଶା ସହରାଂଚଳ ପୋଲିସ ଆଇନ୍ ଉଲ୍ଲଂଘନ କରିଥିବା ୪୩୩ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । ଏହି ସମୟ ମଧ୍ୟରେ ଗୋଟିଏ ଦୋକାନ ସିଲ କରା ଯାଇଛି । କଟକ ଡିସିପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି।

ଆଶାକର୍ମୀ ସଂଘ ପକ୍ଷରୁ ବିକ୍ଷୋଭ ଓ ଦାବୀପତ୍ର ପ୍ରଦାନ

ଭଦ୍ରକ, ୬/୧୦(ହି.ସ.) - ଭାରତୀୟ ମଜଦୂର ସଂଘ ଦ୍ୱାରା ପରିଚାଳିତ ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘ ଭଦ୍ରକ ଶାଖା ପକ୍ଷରୁ ୬ ଦଫା ବିଭିନ୍ନ ଦାବୀ ନେଇ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଏକ ଦାବୀପତ୍ର ପ୍ରଦାନ କରାଯାଇଛି । ଜାତୀୟ ସ୍ୱାସ୍ଥ୍ୟ ମିଶନକୁ ସ୍ଥାୟ କରାଯିବା, ଆଶା କର୍ମଚାରୀମାନଙ୍କୁ ସରକାରୀ ଚାକିରିର ମାନ୍ୟତା ପ୍ରଦାନ କରାଯିବା ସହ ମାନ୍ୟତା ମିଳିବା ପର୍ଯ୍ୟନ୍ତ ମାସିକ ବେତନ ୧୮ ହଜାର ଟଙ୍କା ପ୍ରଦାନ କରିବା, କର୍ମୀମାନଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଦେବା, କୋବିଡ଼ ୧୯ ପାଇଁ ଅନ୍ୟ ସମସ୍ତ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଭଳି ଆଶାକର୍ମୀମାନଙ୍କୁ ମାସିକ ୫ ହଜାର ଟଙ୍କା ଯୋଗାଇ ଦେବା, ସମସ୍ତ ଆଶାକର୍ମୀଙ୍କର ସୁରକ୍ଷା ଦୃଷ୍ଟିରୁ ପିପିଇ କିଟ୍, ସାନିଟାଇଜର, ହ୍ୟାଣ୍ଡୱାଶ୍, ହ୍ୟାଣ୍ଡଗ୍ଲୋଭ୍‌ସ ଇତ୍ୟାଦି ସହିତ ବର୍ଷକୁ ୪ ଗୋଟି ୟୁନିଫର୍ମ ଯୋଗାଇବା, କୋବିଡ଼ ୧୯ କାର୍ଯ୍ୟ କରୁଥିବା ସମୟରେ ମୃତ୍ୟୁ ବରଣ କରିଥିବା ଆଶାକର୍ମୀଙ୍କୁ କେନ୍ଦ୍ର ସରକାରଙ୍କ ଦ୍ୱାରା ଘୋଷିତ କରୋନା ଯୋଦ୍ଧା ରାଶି ପଚାଶ ଲକ୍ଷ ଟଙ୍କା ପ୍ରଦାନ କରିବା ଦାବୀ ଉପସ୍ଥାପନ କରାଯାଇଥିଲା । ଆଶାକର୍ମୀମାନେ ପ୍ରଥମେ ଜିଲ୍ଲା କାର୍ଯ୍ୟଳୟ ମାଳତୀ ଭବନ ଠାରେ ଏକତ୍ର ହୋଇଥିଲେ । ସେଠାରେ ସଂଘର ସଭାନେତ୍ରୀ କନକଲତା ସୂତାରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ କରାଯାଇଥିଲା । ଏଥିରେ ଭାରତୀୟ ମଜଦୂର ସଂଘର ଜିଲ୍ଲା ସଭାପତି ମନୋଜ ବସନ୍ତରାୟ, ସମ୍ପାଦକ ମୁକ୍ତିକାନ୍ତ ସାହୁ, ଉପସଭାପତି ବସନ୍ତ ରାଉତ, ସଂଗଠନ ସମ୍ପାଦକ ପରେଶ ନାଥ ଧଳ ଯୋଗ ଦେଇ ଦାବୀ ଗୁଡିକ ସମ୍ପର୍କରେ ଆଲୋଚନା କରିଥିଲେ । ପରେ ଆଶାକର୍ମୀ ଓ ଭାରତୀୟ ମଜଦୂର ସଂଘର କର୍ମକ ର୍ଣ୍ଣ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଂଚିଥିଲେ । ସେଠାରେ ଶ୍ରୀମତୀ ସୂତାରଙ୍କ ଅଧ୍ୟକ୍ଷତାରେ ପ୍ରତିବାଦ ସଭା କରାଯାଇଥିଲା ଏଥିରେ ଜିଲ୍ଲା ସମ୍ପାଦିକା ଲକ୍ଷ୍ମୀପ୍ରିୟା ରାଉତ, ସେକ୍ଟର ଲିଡର ନିରୂପମା ପତି, ମୃଗତୃଷ୍ଣା ପଟ୍ଟନାୟକ, ପ୍ରତିଭା ମହୁରୀ, ବାସନ୍ତୀ ଦାସ, ପଙ୍କଜିନୀ ସେଠୀ, ପ୍ରଭାତୀ ଜେନା ପ୍ରମୁଖ ଦାବୀ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ଜିଲ୍ଲା ପ୍ରଶାସନଙ୍କୁ ପ୍ରଦାନ କରାଯାଇଥିଲା ।

ବାଇକ୍ ଦୁର୍ଘଟଣାରେ ଷଣ୍ଢର ମୃତ୍ୟୁ, ୨ ଆରୋହୀ ଗୁରୁତର

ଭଦ୍ରକ, ୬/୧୦ (ହି.ସ.) - ଆଜି ଏକ ବାଇକ୍ ଦୁର୍ଘଟଣା ଘଟି ଗୋଟିଏ ଷଣ୍ଢର ମୃତ୍ୟୁ ହୋଇଥିବାବେଳେ ଦୁଇଜଣ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି । ପ୍ରାପ୍ତ ସୂଚନା ଅନୁସାରେ ଭଦ୍ରକ ଜିଲା ଚାନ୍ଦବାଳି ମୁଖ୍ୟ ରାସ୍ତା ସାମନ୍ତରାୟପୁର ଜେନାସାହି ଛକ ନିକଟରେ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି । ଗୋଟିଏ ବାଇକ୍ ଷଣ୍ଢକୁ ଧକ୍କାଦେବା ଫଳରେ ଷଣ୍ଢଟିର ମୃତ୍ୟୁ ହୋଇଥିବାବେଳେ ୨ ବାଇକ୍ ଆରୋହୀ ଗୁରୁତର ହୋଇପଡ଼ିଥିଲେ । ଦୁଇ ଗୁରୁତର ବାଇକ୍ ଆରୋହୀଙ୍କୁ ଗଦି ଦମକଳ ବାହିନୀ ଉଦ୍ଧାର କରି ପ୍ରଥମେ ତିହିଡି ଡାକ୍ତରଖାନା ଏବଂ ପରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ଦୁଇ ଗୁରୁତର ଯୁବକ ହେଲେ କେନ୍ଦ୍ରାପଡା ଜିଲା ରାଜକନିକା ଥାନା ଓ ଆଉ ଜଣେ ରାଜନଗର ଥାନା ଅଂଚଳର ବୋଲି ଜଣାପଡିଛି ।

ଏମକେସିଜିରେ ଅଦ୍ୟାବଧି ୫ ହଜାର କରୋନା ଆରଟି-ପିସିଆର୍ ଟେଷ୍ଟ ହେଲାଣି

ଗଞ୍ଜାମ,୦୬।୧୦ (ନି.ପ୍ର): ବ୍ରହ୍ମପୁରସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମେଡ଼ିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏମକେସିଜି)ରେ ୫ ହଜାର କରୋନା ଆରଟି-ପିସିଆର୍ ଟେଷ୍ଟ କରାଯାଇଛି । ଏମକେସିଜି କର୍ତୃପକ୍ଷଙ୍କ ପକ୍ଷରୁ ଏନେଇ ଟ୍ୱିଟ୍ କରି ସୂଚନା ଦିଆଯାଇଛି । ଗଞ୍ଜାମ ଜିଲ୍ଲା ସହିତ ଦକ୍ଷିଣାଂଚଳର ଅନ୍ୟ ଜିଲ୍ଲା ଗୁଡିକର କରୋନା ଆରଟିପିସିଆର୍ ପରୀକ୍ଷା କରାଯାଇଛି । ଏମକେସିଜିର ମାଇକ୍ରୋ ବାୟୋଲୋଜି ବିଭାଗରେ ଏହି ପରୀକ୍ଷା ପାଇଁ ଦୁଇଟି ମେସିନ୍ ସ୍ଥାପନ କରାଯାଇଛି । ଜୁନ୍ ମାସରୁ ଏହି ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ବର୍ତମାନ ସୁଦ୍ଧା ୫ ହଜାର ନମୂନା ପରୀକ୍ଷା ହୋଇସାରିଛି । ଦୁଇଟି ମେସିନ୍ ରେ ଦିନକୁ ୫୦୦ ସ୍ୱାବ୍ ଆରଟି-ପିସିଆର୍ ଟେଷ୍ଟ କରାଯାଇପାରିବ ।

ଉଠାଦୋକାନୀ ମାନଙ୍କର ପିକରଣ ସହସରକାରୀ ସହାୟତା ଦାବୀ

ବାରିପଦା,୦୬।୧୦ (ନି.ପ୍ର): ଗତ କାଲି ଅପରାହ୍ନରେ ସ୍ଥାନୀୟ କୋଷ୍ଠା ସ୍ଥିତ ଶିରିଡି ସାଇ ଇଂଲିସ ମିଡିୟମ ବିଦ୍ୟାଳୟ ପରିସରରେ ଶ୍ରୀସାଇ ଏଜୁକେସନାଲ ଟ୍ରଷ୍ଟ ଦ୍ୱାରା ପରିଚାଳିତ ବାଦଡା ମକରମେଳା ମହୋତ୍ସବର ସାଧାରଣ ସମ୍ପାଦକ ଅଶ୍ୱନୀ କୁମାର ଆଚାର୍ଯ୍ୟ ସଭାପତି ଅବସରପ୍ରାପ୍ତ ଶିକ୍ଷକ ବିଶ୍ୱମ୍ଭର ଦାସଙ୍କ ନେତୃତ୍ୱରେ ଆଂଚଳିକ ଶତାଧିକ କ୍ଷୁଦ୍ର ଉଠା ଦୋକାନୀ ମାନଙ୍କର ଏକ ସଭା ଅନୁଷ୍ଠିତ ହୋଇ ଯାଇଛି । ଏହି ଦୋକାନୀ ମାନେ ସାପ୍ତାହିକ ହାଟ, ବିଭିନ୍ନ ମେଳା ମହୋତ୍ସବରେ ନିଜନିଜର ବ୍ୟବସାୟ କରି ତହିଁରୁ ହେଉଥିବା ଆୟରେ ନିଜନିଜର ଗୁଜୁରାଣ ମେଂଟାଇବା ସହିତ ପରିବାର ପ୍ରତିପୋଷଣ କରିଥାଁ । ମାତ୍ର ଦୁଃଖ ଓ ପରିତାପର ବିଷୟ ଗତ ମାର୍ଚ୍ଚ ମାସଠାରୁ କରୋନା ମହାମାରୀ ପାଇଁ ସରକାରଙ୍କ ଲକଡାଉନ, ସଟଡାଉନ, ସାପ୍ତାହିକ ହାଟ, ମେଳା ମହୋତ୍ସବ ବନ୍ଦ କାରଣରୁ ଏହି ଗରିବ ଦୋକାନୀ ମାନେ ବେରୋଜଗାରୀ ହୋଇ ଆର୍ଥିକ ଅନାଟନ ମଧ୍ୟରେ ନିଜର ପରିବାର ପ୍ରତିପୋଷଣ ପାଇଁ ଦିଓଳି ଦିମୁଠା ଖାଦ୍ୟ ଯୋଗାଡ କରିବା ପାଇଁ ଅସମର୍ଥ ହୋଇ ନାନାଦି ଦୁର୍ଦଶାର ସମ୍ମୁଖୀନ ହେଉଛଁ । ଏ ସମସ୍ତ ଆଲୋଚନା ପରେ ଉଠା ଦୋକାନୀ ସଂଘ ମାଧ୍ୟମରେ ଛୋଟଛୋଟ ଦେକାନୀ ମାନଙ୍କୁ ସରକାରୀ ପିକରଣ କରାଇବା ପାଇଁ ଜିଲ୍ଲାପାଳ ମହୋଦୟଙ୍କୁ ଆବେଦନ କରାଯିବାର ସ୍ଥିର କରାଗଲା । ପିକରଣ କରି ସମସ୍ତ ଦୋକାନୀ ମାନଙ୍କୁ ଆଇ କାର୍ଡ ବା ପରିଚୟ ପତ୍ର ଯୋଗାଇ ଦେବାକୁ ଅନୁରୋଧ କରାଗଲା । ଏହାଦ୍ୱାରା ବିଭିନ୍ନ ସମୟକୁ ସମୟ ଆସୁଥିବା ଦୁର୍ଦ୍ଦିନରେ ସରକାରଙ୍କ ବିବିଧ ସହାୟତା ପାଇବା ପାଇଁ ଏମାନେ ଯୋଗ୍ୟ ବିବେଚିତ ହୋଇ ପାରିବେ । ଏତଦଭିନ୍ନ ଚଳିତ କରୋନା ମହାମାରୀ ସମୟରେ ବିଭିନ୍ନ ବର୍ଗର ଲୋକମାନଙ୍କୁ ସରକାର ବିଭିନ୍ନ ସହାୟତା ଯୋଗାଇ ଦେଉଥିବା ବେଳେ କ୍ଷୁଦ୍ର ଉଠା ଦୋକାନୀ ମାନଙ୍କ ପାଇଁ କୌଣସି ଯୋଜନା ନହେବା ଅତ୍ୟ' ଦୁର୍ଭାଗ୍ୟ ଜନକ ବୋଲି ବୈଠକରେ ବିବେଚନା କରାଗଲା । ତେଣୁ ଚଳିତ କରୋନା କ୍ଷତିର ଆକଳନ କରି ଆର୍ଥିକ ସହାୟତା ଯୋଗାଇ ଦେବା ସହିତ ସୁଧ ବିହିନ ଋଣ ଯୋଗାଇବାର ସୁବନ୍ଦୋବସ୍ତ କରିବା ପାଇଁ ଜିଲ୍ଲାପାଳଙ୍କ ଜରିଆରେ ସରକାରଙ୍କୁ ଅନୁରୋଧ କରାଯାଇଛି ।

ଲାଞ୍ଜିଗଡ଼ ରୋଡ଼ ଓ ଆମ୍ବୋଦଳା ଷ୍ଟେସନ ମଧ୍ୟରେ ମଧ୍ୟବର୍ତୀ ବ୍ଲକ୍ ସିଗନାଲ୍ ସିଷ୍ଟମ୍ କାର୍ଯ୍ୟକ୍ଷମ

ଭୁବନେଶ୍ୱର,୦୬।୧୦ (ନି.ପ୍ର): ଟ୍ରେନ ପରିଚାଳନା କ୍ଷମତା ବୃଦ୍ଧିକରିବା ଟିଟିଲାଗଡ଼-ରାୟଗଡା ରେଳସେକ୍ସନ ଅନ୍ତର୍ଗତ ଲାଞ୍ଜିଗଡ଼ ରୋଡ଼ ଓ ଆମ୍ବୋଦଳା ଷ୍ଟେସନ ମଧ୍ୟରେ ମଧ୍ୟବର୍ତୀ ବ୍ଲକ୍ ସିଗନାଲ୍ ସିଷ୍ଟମ୍ କୁ ପାଇଁ ପୂର୍ବତଟ ରେଳପଥ କାର୍ଯ୍ୟକ୍ଷମ କାର୍ଯ୍ୟକ୍ଷମ କରାଇଛି । ଏହା ଦ୍ୱାରା ରେଳ ଲାଇନ କ୍ଷମତା ବୃଦ୍ଧି କରାଯିବା ସହିତ ୱାଗନ୍ ଗୁଡିକର ପାନ୍ୟ ବୋଝେଇ କରି କିମ୍ବା ନିକାସ କରି ଶୀଘ୍ର ଆଉ ଥରେ ବୋଝେଇ ପାଇଁ ଯିବା ସହିତ ରେଳବାଇର ରୋଜଗାରରେ ଉନ୍ନତି ଆଣିବ । ୟାର୍ଡ଼ ଥରେ ସାଂଟିଙ୍ଗ ନେକ ଏବଂ ଅତିରିକ୍ତ କ୍ରସିଂ ନବୀକରଣ କାର୍ଯ୍ୟ ସହିତ ଆମ୍ବୋଦଳା ଷ୍ଟେସନ ୟାର୍ଡ଼ ନବୀକରଣକୁ ମଧ୍ୟ ଇତିମଧ୍ୟରେ ସମ୍ପୂର୍ଣ୍ଣ କରାଯାଇଛି । ଏହାଦ୍ୱାରା ଆମ୍ବୋଦଳା ଷ୍ଟେସନ ୟାର୍ଡ଼ ଥରେ ରେଳଧାରଣକୁ ସୁଗମ ରଖିବାପାଇଁ ଓ ଅଧିକ ଟ୍ରେନ ଯାତାୟାତ କରାଇବା ପାଇଁ ଏମଭିଏଏ ସାଇଡିଂ ଠାରେ ନବୀକରଣ କାର୍ଯ୍ୟ କରାଯାଇଛି । ମୁଖ୍ୟ ରେଳଧାରଣକୁ ଯାତାୟାତ ପାଇଁ ଖୋଲା ରଖି ଇଂଜିନ ଗୁଡିକର ଆଗ ପଛ କରିବା ପାଇଁ ସାଂଟିଙ୍ଗ ନେକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ସମ୍ବଲପୁର ରେଳମଣ୍ଡଳ ଠାରେ ଏମଭିଏଏ ସାଇଡିଂ ରୁ କଂଚା ମାଲ ଓ ଉତ୍ପାଦଗୁଡିକ ବୋଝେଇ ସହିତ ପରିବହନ ବ୍ୟବସ୍ଥାକୁ ନିଶ୍ଚିତ କରିବା ପାଇଁ ଏହା କାର୍ଯ୍ୟ କରିଥାଏ । ମଧ୍ୟବର୍ତୀ ବ୍ଲକ ସିଗନାଲ୍ (ଆଇବିଏସ୍) ହେଉଛି ଏକ କୌଶଳ ଯାହାଦ୍ୱାରା ଦୁଇଟି ସଂଲଗ୍ନ ଷ୍ଟେସନ ମଧ୍ୟରେ ଏକ

ପୃଥକ୍ ସ୍ୱାଦର ଚା'

ଅନେକ ପ୍ରକାରର ଚା' ରହିଛି ଯାହାକୁ ଅତିସହଜ ଉପାୟରେ ଘରେ ତିଆରି କରି ଅତିଥିମାନଙ୍କୁ ଦିଆଯାଇପାରେ । ଏହା ସହିତ ଚା'ର ମଜା ଦୁଇଗୁଣା ହୋଇଯାଏ ।

ବ୍ଲାକ୍ ଟି:

ବ୍ଲାକ୍ ଟି ବିନା କ୍ଷୀରରେ ତିଆରି କରାଯାଏ । ଏହା ଶରୀର ପାଇଁ ବେଶ୍ ଉପକାରୀ । ଏହା ଶରୀରର ଓଜନ କମାଇବାରେ ସାହାଯ୍ୟ କରିଥାଏ । ଏହା ବିଶେଷ କରି ଦାର୍ଜିଲିଙ୍ଗ, ଆସାମ, ନୀଳଗିରି ଓ ଶ୍ରୀଲଙ୍କାରେ ଦେଖିବାକୁ ମିଳିଥାଏ । ଏହାର ପତ୍ର ସାଧାରଣତଃ କଳା ଓ କଫି ରଙ୍ଗର ହୋଇଥାଏ । ଅଲ୍‌ଗ୍ରେ ଏକ ପ୍ରସିଦ୍ଧଧ ବ୍ଲକ୍ ଟି । କାରଣ ଏହି ଟି'ରେ ବର୍ଗାମୋଟ ଫଳର ତେଲ ଓ ଲେମ୍ବୁରସ ପଡ଼ିଥାଏ । ଯାହାର ସ୍ୱାଦ ନିଆରା ହୋଇଥାଏ । ଏଥି ସହିତ ଏହାର ପତ୍ରରେ ଆଇସ୍ ଟି ମଧ୍ୟ ତିଆରି କରାଯାଇପାରେ ।

ଗ୍ରୀନ୍ ଟି:

ଅଧିକାଂଶ ଲୋକ ସକାଳୁ ଉଠି ଚା' ପିଇବାକୁ ପସନ୍ଦ କରିଥାନ୍ତି । ଗ୍ରୀନ୍ ଟି ବା ସବୁଜ ଚା' କ୍ୟାମେଲିଆ ସାଇନେସିସ୍‌ର ପତ୍ରରୁ ତିଆରି କରାଯାଇଥାଏ । ଏହା ଅକ୍ସିଡାଇଜ୍ ହୋଇ ନଥାଏ । ଯାହା ଫଳରେ ଏହାର ରଙ୍ଗ ସବୁଜ ରହିଥାଏ । ଏହା ସାଧାରଣତଃ ଚୀନ୍ ଓ ଜାପାନରେ ଦେଖିବାକୁ ମିଳିଥାଏ । ଗ୍ରୀନ୍ ଟିରେର ପ୍ରଚୁରର ପରିମାଣରେ ଫ୍ଲାଭୋନଏଡ୍ ରହିଥାଏ, ଯାହା ଶରୀରର

ମେଦବହୁଳତାକୁ କମାଇବାରେର ସାହାଯ୍ୟ କରିଥାଏ । ଏଥିରେ ଆଣ୍ଟିଅକ୍ସିଡାଣ୍ଟ୍‌ର ମାତ୍ରା ମଧ୍ୟ ଭରପୁର ପରିମାଣରେ ରହିଥାଏ ।

ଉଲଙ୍ଗ ଟି:

ଏହା ସବୁଜ ଓ କଳା ରଙ୍ଗର ମିଶ୍ରଣ ପରି ଦେଖାଯାଏ । ଶରୀରରରେର କୋଲେଷ୍ଟରଲ୍‌ର ମାତ୍ରା ଓ ହୃଦୟ ଜନିତ ରୋଗ ନିୟନ୍ତ୍ରଣ କରିଥାଏ । ହାଡ଼ ମଜବୁତ ରଖିବା ସହିତ ଓଜନ କମାଇବାରେ ମଧ୍ୟ ସହାୟକ ହୋଇଥାଏ । ପ୍ରତିଦିନ ୨ କପ୍ ଏହାକୁ ପିଇବା ଶରୀର ପାଇଁ ବେଶ୍ ଉପକାରୀ ହୋଇଥାଏ । ଉଲଙ୍ଗ ଟି'ରେର କାଫିନ୍‌ର ମାତ୍ରା କିଛି ପରିମାଣରେ

ରହିଥାଏ ଯାହା ଶରୀରରେର ସ୍ନାୟୁକୋଷଗୁଡ଼ିକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ ।

ହ୍ୱାଇଟ୍ ଟି:

ପ୍ରାୟ ଲୋକ ଏହି ଚା' ପିଇବାକୁ ପସନ୍ଦ କରିଥାନ୍ତି । ଏହା ଛୋଟ ଛୋଟ ଚା' ପତ୍ରରୁ ତିଆରି ହୋଇଥାଏ । ଏହାର କଡ଼ ମଧ୍ୟ ଭଲ ଭାବେ ଫୁଟି ନଥାଏ । ଏହି କଅଁଳିଆ ପତ୍ରକୁ ଶୁଖାଯାଇ ଏଥିରୁ ଚା' ପ୍ରସ୍ତୁତ କରାଯାଇଥାଏ । ଏହା ସ୍ୱାଦରେ ମଧୁରର ଓ କୋମଳ ହୋଇଥାଏ । ଏଥିରେ ପ୍ରଚୁର ପରିମାଣର ଆଣ୍ଟିକାର୍‌ସିନୋଜେନିକ୍ ରହିଥାଏ । ଏହା ଶରୀରରେ ପ୍ଲାଜ୍‌ମା ଗ୍ଲୁକୋଜ୍‌ର ମାତ୍ରାକୁ କମ୍ କରି ଇନ୍‌ସୁଲିନ୍‌ରର ମାତ୍ରାକୁ ବଢ଼ାଇଥାଏ ।

ଜିଞ୍ଜର ଟି:

ଭାରତରେର ଅଦା ଚା'ର ଚାହିଦା ବେଶ୍ ଭଲ । ଖାଲି ଯେ ଭାରତରେ ନୁହେଁ, ଦୁନିଆରେ ପ୍ରାୟ ଅଧିକାଂଶ ଲୋକ ଏହାକୁ ପସନ୍ଦ କରନ୍ତି । ଆଗ କାଳରେ ଚୀନ୍ ଦେଶର ଲୋକମାନେ ଏହାକୁ ଔଷଧ ଭାବେ ବ୍ୟବହାର କରୁଥିଲେ । ପ୍ରତିଦିନ ଅଦା ଚା' ପିଇବା ଦ୍ୱାରା ଥଣ୍ଡା ଜନିତ ରୋଗରୁ ମୁକ୍ତି ମିଳିଥାଏ ।

ଲେମନ୍ ଟି:

ଏହାକୁ ଅତି ସହଜରେ ଘରେ ପ୍ରସ୍ତୁତ କରାଯାଇଥାଏ । ଏହାକୁ ନିୟମିତ ପିଇବା ଦ୍ୱାରା ଶରୀରରେର ମେଦବହୁଳତା କମ୍ ହୋଇଥାଏ । ଏହା ଓଜନ ହ୍ରାସ କରିବାରେ ମଧ୍ୟ ସାହାଯ୍ୟ କରିଥାଏ । ଏହା ମସ୍ତିଷ୍କକୁ କ୍ରିୟାଶୀଳ କରାଇଥାଏ । ଲେମନ୍ ଟି ହାର୍ଟ ଉପରେ ମଧ୍ୟ ଭଲ ପ୍ରଭାବ ପକାଇଥାଏ ।

ଧୋକା ଡାଲନା

ପ୍ରସ୍ତୁତି:

ଧୋକା ଡାଲନା ପ୍ରସ୍ତୁତି ପାଇଁ ବୁଟ ଡାଲି, ଅଦା, କଞ୍ଚା ଲଙ୍କା, ଗୋଟା ଜିରା, ତେଜପତ୍ର, ଗୋଟା ଗରମ ମସଲା, ସ୍ୱାଦ ଅନୁସାରେ ଲୁଣ, ଚିନି, ଆଳୁ, ଅଳ୍ପ କୋରା ନଡ଼ିଆ, ଅଳ୍ପ ଚାରମଗଜ ଓ ଛାଣିବା ପାଇଁ ରିଫାଇନ୍ ତେଲ ଦରକାର । ଧୋକା ପ୍ରସ୍ତୁତ କରିବା ପାଇଁ ୨ କପ୍ ବୁଟ ଡାଲିକୁ ୩ରୁ ୪ଘଣ୍ଟା ବତୁରାଇ ଦିଅନ୍ତୁ । ଏହା ବତୁରିଗଲା ପରେ ଭଲ ପରି ଧୋଇ ମିକ୍ସିରେ ବୁଟ ଡାଲି ସହିତ ଛୋଟ ଖଣ୍ଡେ ଅଦା, ଦୁଇଟି କଞ୍ଚାଲଙ୍କା ମିଶାଇ ପେଷ୍ଟ କରିନିଅନ୍ତୁ । ଏଥର କରେଇରେ ଦୁଇରୁ ତିନି ଚାମଚ ତେଲ ଗରମ କରି ସେଥିରେ ଜୀରା ଫୁଟଣ କରି ବୁଟଡାଲି ପେଷ୍ଟକୁ ପକାଇ ହାଲୁକା ଆଞ୍ଚରେ ଭାଜନ୍ତୁ । ଏହି ସମୟରେ ସେଥିରେ ସ୍ୱାଦ ଅନୁସାରେ ଲୁଣ, ଚିନି, ହଳଦୀ ମିଶାନ୍ତୁ । ଏହି ମିଶ୍ରଣରୁ ପାଣି ଶୁଖିଆସିଲେ ଥଣ୍ଡା ହେବାକୁ ଦିଅନ୍ତୁ । ଉଷୁମ ଥିବା ଅବସ୍ଥାରେ ଏକ ଥାଳିରେ ତଳ ମାରି ମିଶ୍ରଣଟିକୁ ଢାଳି ହାତରେ କିମ୍ବା ପିଠା ଖରିକାରେ ଚାପି ପ୍ଲେନ୍ କରିଦିଅନ୍ତୁ । ପୁରା ଥଣ୍ଡା ହେବାକୁ ଦିଅନ୍ତୁ । ଥଣ୍ଡା ହୋଇଗଲେ ପରେ ଦେଖିବେ ମିଶ୍ରଣଟି କମିଯାଇଥିବ । ଏଥର ଆପଣ ବରଫି ଆକାରରେ କାଟନ୍ତୁ । କରେଇରେ ଆବଶ୍ୟକତା ଅନୁସାରେ ରିଫାଇନ ତେଲ ଗରମ କରି ସେଥିରେ ଏହି କଟା ବରଫିଗୁଡ଼ିକ ସୁନେଲି ରଙ୍ଗ ହେବା ପର୍ଯ୍ୟନ୍ତ ଭାଜି ନିଅନ୍ତୁ । ଆଞ୍ଚ ଅଧିକ କରିବେ ନାହିଁ । ନହେଲେ ଭିତର ଅଂଶ କଞ୍ଚା ରହିଯିବ ଏବଂ ଉପରେ ହୋଇଯାଇଛି ବୋଲି ମନେ ହେବ । ଧୋକାଗୁଡ଼ିକ ଛାଣି ସାରିବା ପରେ ସେହି ତେଲରେ ଆଳୁକୁ ମଧ୍ୟମ ଧରଣ କାଟି ଭାଜି ନେବେ । ଏଥର ମିକ୍ସିରେ ଛୋଟ ଅଦା ଖଣ୍ଡେ, ସାମାନ୍ୟ ଜିରା, କଞ୍ଚାଲଙ୍କା, ଚାରମଗଜ, କୋରା ନଡ଼ିଆ ଏକାଠି ଭଲ କରି ପେଷ୍ଟ କରିନିଅନ୍ତୁ । କରେଇରେ ରିଫାଇନ ତେଲ ଗରମ କରି ସେଥିରେ ତେଜପତ୍ର, ଗୋଟା ଗରମ ମସଲା ପକାଇ ଭାଜି ସେଥିରେ ବଟା ମସଲା ପକାଇ କଷନ୍ତୁ ।

ବଙ୍ଗୀୟ ପରିବାରରେ ପର୍ବପର୍ବାଣୀ ଅବସରରେ ପ୍ରସ୍ତୁତ ହୋଇଥାଏ ଏହି ଖାଦ୍ୟ । ଏହାକୁ ଓଡ଼ିଆ ଘରେ ମଧ ପ୍ରସ୍ତୁତ କରାଯାଇଥାଏ । ଓଡ଼ିଆରେ ଏହାକୁ ବେସନ ତରକାରୀ କୁହାଯାଏ । ତେବେ ବଙ୍ଗୀୟ ପରିବାରରେ ପ୍ରସ୍ତୁତ ହେଉଥିବା ବେସନ ତରକାରୀର ସ୍ୱାଦ ଟିକେ ଭିନ୍ନ । ଓଡ଼ିଆ ଘରେ ପିଆଜ ମସଲାରେ ବେସନ ତରକାରୀ ପ୍ରସ୍ତୁତ ହେଉଥିବା ବେଳେ ବଙ୍ଗୀୟ ପରିବାରରେ ସାଧାରଣତଃ ପିଆଜ ବ୍ୟବହାର କରାଯାଏ ନାହିଁ । କେବଳ ଜିରା, କଞ୍ଚା ଲଙ୍କା, ଅଦା, ଧନିଆ ଆଦି ମସଲା ପ୍ରସ୍ତୁତିରେ ବ୍ୟବହାର କରାଯାଏ । ପହିଲା ବୈଶାଖ, ଜାମାଇ ଷଷ୍ଠୀ, ଅକ୍ଷୟ ତୃତୀୟ ଆଦିରେ ଅଧିକାଂଶ ପରିବାରରେ ଧୋକା ଡାଲନା ପ୍ରସ୍ତୁତ ହୋଇଥାଏ । ବେସନ ବଦଳରେ ବୁଟ ଡାଲି ଓ ଗୋଟା ମଟରରେ ପ୍ରସ୍ତୁତ ହୋଇଥାଏ ବରା ଯାହାକୁ ବଙ୍ଗଳାରେ ଧୋକା କୁହାଯାଏ । କେହି କେହି ମସଲାରେ ନଡ଼ିଆ ଓ ଚାରମଗଜ ପେଷ୍ଟ ମିଶାଇ ଥାଆନ୍ତି । ନଡ଼ିଆ ରସ ମିଶିଗଲେ ଧୋକା ଡାଲନାର ସ୍ୱାଦ ଆହୁରି ବଢ଼ିଯାଏ । କୁହାଯାଏ ପୂର୍ବବଙ୍ଗର ଲୋକମାନେ ପଶ୍ଚିମବଙ୍ଗ ଲୋକଙ୍କ ତୁଳନାରେ ଅଧିକ ସୁସ୍ୱାଦୁ ଧୋକା ପ୍ରସ୍ତୁତ କରିପାରନ୍ତି । ତା' ହେଲେ ଆସନ୍ତୁ ଜାଣିବା ଏହି ସୁସ୍ୱାଦୁ ରେସିପିଟି କିପରି କରାଯାଏ ।

ମସଲା କଷିଲା ବେଳେ ଆଞ୍ଚ ଆଳୁକା ରଖିଥିବେ । ଏହାପରେ ସେଥିରେ ସ୍ୱାଦ ଅନୁସାରେ ଲୁଣ, ହଳଦୀ, ଚିନି, ଧନିଆ ପାଉଡର, ଜିରା ପାଉଡର ଏବଂ ଭଜା ହୋଇଥିବା ଆଳୁ ପକାଇ ଆଉ ଥରେ କଷିବେ । ଆଳୁ ସିଝି ଆସିଲେଶ ଏବଂ ମସଲାରୁ ତେଲ ଛାଡ଼ି ଆସିଲେ ସେଥିରେ ଅଳ୍ପ ପାଣି ମିଶି ଫୁଟିବାକୁ ଦେବେ । ପାଣି ଫୁଟି ଆସିଲେ ଆଗରୁ ଛାଣି ରଖିଥିବା ଧୋକାଗୁଡ଼ିକୁ ଦେଇ ଅଳ୍ପ ସମୟ ଫଉଟାଇବେ । ଅଧିକ ସମୟ ଫୁଟାଇଲେ ଧୋକାଗୁଡ଼ିକ ଭାଙ୍ଗିଯାଏ । ଝୋଳ ଟିକେ ଶୁଖିଆସିଲେ ଉପରେ ଗରମ ମସଲା ପକାଇ ପରିବେଷଣ କରିବେ ।

କାନ୍ଥକୁ ଦିଅନ୍ତୁ ନୂଆ ଲୁକ୍

ଘରର ସାଜସଜ୍ଜା କେବଳ ଆସବାବପତ୍ର ଉପରେ ନିର୍ଭର କରେ ନାହିଁ । ଘର କାନ୍ଥକୁ ଯଦି ଡେକୋରେଟ୍ କରାଯାଏ ତେବେ ଘର ଦିଶିବ ଆକର୍ଷଣୀୟ । କାନ୍ଥକୁ କେମିତି ଡେକୋରେଟ୍ କରିବେ ଆସନ୍ତୁ ଜାଣିବା ।

ଡାର୍କ କଲର:

ଯଦି ଆପଣଙ୍କ ଘର କାନ୍ଥ ଫିକା କିମ୍ବା ଧଳା ରଙ୍ଗର ଥାଏ ତା' ହେଲେ କାନ୍ଥର କୌଣରରସି ଗୋଟିଏ ଭାଗକୁ ଗାଢ଼ ରଙ୍ଗରେ ପେଣ୍ଟ କରି ନିଅନ୍ତୁ ।ଏବେ ନୀଳ ଏବଂ ଧୂସରର ଗାଢ଼ ରଙ୍ଗ ଟ୍ରେଣ୍ଡରେ ଅଛି । କାନ୍ଥରେ ଫ୍ରେମ୍ ଥିବା ଏକ ବଡ଼ ଆଇନା ଲଗାନ୍ତୁ । ବାସ୍ ଦେଖିବେ ଆପଣ ଘର ଭିତର କେମିତି ଚମକି ଉଠିବ ।

ମେଟାଲିକ୍ ଟଚ୍:

କପର, ବ୍ରୋଞ୍ଜ, ସିଲଭର, ଗୋଲ୍ଡ ଭଳି ମେଟାଲିକ ରଙ୍ଗରେ କୌଣସି ଏକ ନିର୍ଦ୍ଦିଷ୍ଟ କାନ୍ଥକୁ ହାଇଲାଇଟ୍ କରନ୍ତୁ । ପେଣ୍ଟ କରିବା ପରେରର କାନ୍ଥକୁ ସଜାଇବା ଭୁଲନ୍ତୁ ନାହିଁ । ଆପଣ କାଠ ଫ୍ରେମ୍‌ର କୌଣଣସି ବଡ଼ ଫଟୋକୁ କାନ୍ଥରେ ଝୁଲାଇ ପାରିବେ ।

ଫ୍ଲୋରାଲ ଡିଜାଇନ୍:

ଯଦି ଆପଣ ଘର କାନ୍ଥକୁ ଫ୍ଲୋରାଲ ଟଚ୍ ଦେବାକୁ ଚାହୁଁଛନ୍ତି ତେବେ ଛୋଟ ଛୋଟ ଫ୍ଲୋରାଲ୍ ପାଟର୍ନ ୱାଲ୍‌ରେ ସଜାନ୍ତୁ । ହାଲୁକା ରଙ୍ଗରର ଫ୍ଲୋରାଲ୍ ଡିଜାଇନ ଆପଣଙ୍କ ଘରକୁ ଦେବ ଯାଦୁକରି ସ୍ପର୍ଶ । ପେଣ୍ଟ କରିବାକୁ ଚାହୁଁ ନଥିଲେ ଫ୍ଲୋରାଲ ଷ୍ଟିକରରେର ସଜାଇପାରିବେ ।

ଟେକ୍ସଚର:

ଗୋଟିଏ ପ୍ରକାର ରଙ୍ଗ ନିଶ୍ଚିତ ଭାବେ ମନରେ ବିରକ୍ତି ଭାବ ସୃଷ୍ଟି କରେର । ଗୋଟିଏ ପ୍ରକାର ରଙ୍ଗରେରର ଘରର ସୌନ୍ଦର୍ଯ୍ୟ କମ୍ ହୁଏ । ତେରୁ କାନ୍ଥକୁ ବିଭିନ୍ନ ପ୍ରକାର ଟେକ୍ସଚରରେ ସଜାନ୍ତୁ । ଓ୍ୱେନେସିୟନ ପ୍ଲାଷ୍ଟର ଟ୍ରାଏ କରନ୍ତୁ । ଏଥିରେ ମଲ୍ଟିଡାଇମେନ୍ସିଆଲ ଲୁକ୍ ମିଳିଥାଏ । ଆପଣରର ଗ୍ରେନିଙ୍ଗ୍ ଇଫେକ୍ଟ ବି ପାଇପାରିବେ । ଉଡ୍-ଗ୍ରେନ୍ ଫିନିଶ୍ କାନ୍ଥ ବେଶି ସୁନ୍ଦର ଲାଗିଥାଏ ।





ୱାଲ୍ ପେପର୍:

ୱାଲ୍ ପେପର ବି ଘରରକୁ ଦେଇପାରିବ ନୂଆ ଲୁକ୍ । ଡିଜାଇନର୍ ପେଣ୍ଟ ବଦଳରେ ୱାଲ ପେପର୍ ବ୍ୟବହାର କରନ୍ତୁ । ୱାଲ୍ ପେପର୍ ବାଛିବା ସମୟରେ ଧ୍ୟାନ ରଖିବେ ଯେ ଆପଣଙ୍କ ଘର କାନ୍ଥ ଅନ୍ୟାନ୍ୟ କାନ୍ଥ ସହିତ ମ୍ୟାଚ କରୁଥିବ । ଯଦି ଏଥିରେ କିଛି ନୂଆ ପାଟର୍ନ ଆଣିବାକୁ ଚାହୁଁଛନ୍ତି ଟ୍ରିକ୍ କିମ୍ବା ଜିଓମେଟ୍ରିକ ସେପ୍‌ର ୱାଲ୍ ପେପର୍ ନେଇପାରିବେ ।

ବାସ୍ତୁ ଦୋଷ ଦୂରେଇବା ପାଇଁ...

♦ ଘରର ମୁଖ୍ୟ ଦ୍ୱାରରେ ସ୍ୱସ୍ତିକ ଚିତ୍ର କରନ୍ତୁ । ଏହାଦ୍ୱାରା ଘରୁ ବାସ୍ତୁ ଦୋଷ ଦୂର ହେବ । ପରିବାରରୁ ଅଶାନ୍ତି ଓ କଳହ ଦୂର ହେବ ।

♦ ଓସ୍ତ ପତ୍ର, ଆମ୍ର ପତ୍ର କିମ୍ବା ଅଶୋକ ପତ୍ରରେ ମାଳ କରି ଦ୍ୱାରବନ୍ଧରେ ଟାଙ୍ଗନ୍ତୁ । ଏହାଦ୍ୱାରା ଘରୁ ନକାରାତ୍ମକ ଶକ୍ତି ଦୂର ହୋଇ ସୁଖ ଶାନ୍ତି ବୃଦ୍ଧି ହେବ ।

♦ ପ୍ରତିଦିନ ସକାଳୁ ଘର ଦ୍ୱାରମୁହଁରେ ଏକ କଳସ ବସାନ୍ତୁ । ଏହାଦ୍ୱାରା ସର୍ବଦେବତାଙ୍କର ଆର୍ଶୀବାଦ ମିଳିବ । ଫଳରେ ଘରେ ସକାରାତ୍ମକ ଶକ୍ତି ପ୍ରବେଶ କରିବ ଓ ବାସ୍ତୁ ଦୋଷ ନଷ୍ଟ ହୋଇଯିବ ।

♦ ଘରେ ପାନୀୟ ଜଳ ରଖୁଥିବା ସ୍ଥାନରେ ସକାଳେ ଓ ସନ୍ଧ୍ୟାରେ ଏକ ଘିଅ ଦୀପ ଲଗାନ୍ତୁ । ଏହାଦ୍ୱାରା ସ୍ୱାସ୍ଥ୍ୟ ଉପରେ ପଡ଼ିବାକୁ ଥିବା ବାସ୍ତୁ ଦୋଷ ଦୂର ହୋଇଯିବ । ଶରୀର ସୁସ୍ଥ ରହିବ ।

♦ ଘରର ମୁଖ୍ୟଦ୍ୱାରକୁ ସର୍ବଦା ସଫାସୁତୁରା ରଖନ୍ତୁ । ଏହାଦ୍ୱାରା ଘରେ ବାସ୍ତୁଦୋଷ ରହିବ ନାହିଁ । ସଫା ରଖିବା ଦ୍ୱାରା ଘରେ ସୁଖଶାନ୍ତି ବୃଦ୍ଧି ହେବ ।

♦ ଘର ମୁଖ୍ୟ ଦ୍ୱାରରେ ଏକ କାଚପାତ୍ରରେ ପାଣି ରଖି ସେଥିରେ ସୁଗନ୍ଧ ଫୁଲ ପକାନ୍ତୁ । ଏହାଦ୍ୱାରା ଘରେ ସକାରାତ୍ମକ ଶକ୍ତି ବୃଦ୍ଧି ହୋଇ ବସ୍ତୁ ଦୋଷ ଦୂର ହୋଇଯିବ ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ସାମାଜିକ ଅସନ୍ତୁଳନ...

ତମାମ୍ ବିଶ୍ୱରେ ବର୍ଷସାରା ଲାଗି ରହିଥିବା ଅସ୍ୱାଭାବିକ ତଥା ଅଭୂତପୂର୍ବ ସ୍ଥିତିର ପ୍ରତିକୂଳ ପ୍ରଭାବ ସର୍ବତ୍ର ଅନୁଭୂତ ହେବାରେ ଲାଗିଛି । ଏମିତିରେ କରୋନା ସଂକ୍ରମଣ ପାଇଁ କୋଟି କୋଟି ଜନତା ବିଷମ ସାମାଜିକ ଅସନ୍ତୁଳନର ଶିକାର ହୋଇଛନ୍ତି, ତାହାର ଗୁରୁତର ପ୍ରଭାବ ସବୁଠୁ ଛତ୍ରେଛତ୍ରେ ଅନୁଭୂତ ହେଉଛି । ଆର୍ଥିକ ତଥା ସାମାଜିକ ସ୍ଥିତି ବିଗିଡ଼ିଗଲା ବେଳକୁ କରୋନା ଉପରେ ଲଗାମ କଷିବାକୁ କାହା ପାଖରେ କିଛି ମୌଳିକ ସାଧନ ବୋଲି କିଛି ଉପଲବ୍ଧ ନାହିଁ । କେବେ ଓ କିପରି ଏହି ବିଷମ ସ୍ଥିତିର ଅନ୍ତ ଘଟିବ ତାହା କାହାରିକୁ ଜଣାନାହିଁ । କିଏ ଟିକା ପ୍ରସ୍ତୁତିର ବାହାବା ନେଉଛନ୍ତି ତ' ଆଉ କିଏ ଉପଚାର । ଶୃଙ୍ଖଳା ଆଚରଣ ଛଡ଼ା କିଛି ଗତ୍ୟନ୍ତର ନଥିବା କଥା କହି ପ୍ରବୋଧନା ଦେଉଛନ୍ତି । ମୋଟ୍ ଉପରେ କାହିବାକୁ ଗଲେ ସମସ୍ତେ ଅନ୍ଧାରରେ ବାଡ଼ି ବୁଲାଇ ଚାଲିଛନ୍ତି । ଅନ୍ଧମାନଙ୍କ ହାତୀ ଦେଖା ନ୍ୟାୟରେ ଅଭୂତପୂର୍ବ ତଥା ଅଶ୍ରୁତପୂର୍ବ ଭୂତାଣୁ ସଂକ୍ରମଣ ପୂରା ବିଶ୍ୱବାସୀଙ୍କୁ ହଲାପଟା କରିସାରିଛି । ବିଶ୍ୱ ଅର୍ଥନୀତି ଏମିତିରେ ଖରାପ ସ୍ଥିତିରେ ରହିଥିବା ବେଳକୁ କରୋନା ସଂକ୍ରମଣ ସ୍ଥିତିକୁ ଅଧିକ ବିଗାଡ଼ି ଦେଇଛି । ଆମ ଦେଶ ଭଳି ଅନେକଗୁଡ଼ିକରେ ଆର୍ଥିକ ମେରୁଦଣ୍ଡ ଦୋହଲି ସାରିଛି । ଏହାକୁ ସଂକ୍ଷେପରେ କୁହାଯାଇପାରେ- କର ବା ମର ଅବସ୍ଥା । ବିକାଶ ବା ଅଭିବୃଦ୍ଧି ହାର ଏମିତି ରସାତଳକୁ ଚାଲିଯିବ, ତାହା କେହି ଘୃଣାଚକ୍ଷୁରେ କଳ୍ପନା କରିନଥିବେ । ଭାରତର ମୋଟ୍ ଆଭ୍ୟନ୍ତରୀଣ ଉତ୍ପାଦ ହାର ବିଯୁକ୍ତ ସ୍ଥିତିକୁ ଚାଲିଯାଇଛି । ଆଶଙ୍କା କରାଯାଉଛି, ଆସନ୍ତା ଚାରି/ପାଞ୍ଚ ବର୍ଷଯାଏଁ ତଳମୁହାଁ ରହିଥିବା ଜିଡିପିକୁ ସ୍ୱାଭାବିକ ସ୍ତରକୁ ଅଣାଯିବା ମୁସ୍‌କିଲ୍ ହୋଇପଡ଼ିବ । ଅର୍ଥନୀତିବିତ୍‌ମାନଙ୍କ ଆକଳନ କହୁଛି, ବିଶ୍ୱ ଅର୍ଥନୀତିରେ ରହିଥିବା ମାନ୍ଦାବସ୍ଥାର ପ୍ରତିଫଳନ ଭାରତୀୟ ଅର୍ଥନୀତି ଉପରେ ପଡୁଛି । ତାହା ବାଦ୍ କୁପରିଚାଳନା କିଛି ମାତ୍ରାରେ ଦାୟୀ ବୋଲି ମଧ୍ୟ କୁହାଯାଉଛି । ଏକପକ୍ଷରେ କୋଭିଡ୍ ରାକ୍ଷସର ମୁକାବିଲା ଓ ଅନ୍ୟପକ୍ଷରେ ଉତ୍ପନ୍ନ ସଙ୍କଟର ମୁକାବିଲା କୌଣସି ଦେଶ ପାଇଁ ମସ୍ତବଡ଼ ଆହ୍ୱାନ ହୋଇ ଦେଖାଦେଇଥିବା ସ୍ୱାଭାବିକ । ଲକ୍ଷ ନୁହେଁ, କୋଟି ସଂଖ୍ୟାରେ ବେରୋଜଗାର ସୃଷ୍ଟି ହେଉଥିବା ବେଳେ ରୀତିମତ ଖାଦ୍ୟସଂକଟ ମୁଣ୍ଡ ଟେକିବା ନିଶ୍ଚିତ । ଯଦି ଖାଦ୍ୟସଂକଟ ଦେଖାଦିଏ, ତାହାର ମୁକାବିଲା କେତେ ବିଷମ ହେବ, ତାହା ଏବେଠାରୁ ଅନୁମାନ କରାଯାଇପାରେ । କରୋନା ମହାମାରୀ ଏମିତିରେ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ତଥା ଜୀବିକା ନେଇସାରିଲାଣି । କି' ଧନୀ କି' ଗରିବ, କାହାରିକୁ ତାହା ଛାଡ଼ିନାହିଁ । ସାମାଜିକ ସମ୍ପର୍କରେ ତଥା ଆର୍ଥିକ ସ୍ଥିତିରେ ଯେଉଁ ସଂକଟ ସୃଷ୍ଟି ହେଉଛି ଓ ସେଥିରୁ କିଭଳି ମୁକ୍ତି ମିଳିବ, ତାହା ମୂଳପ୍ରଶ୍ନ ହୋଇ ଛିନା ହୋଇଛି । ମିଳିତ ଜାତିସଂଘ ଓ ବିଭିନ୍ନ ବିଶ୍ୱ ସଂଗଠନ ଏଥିନେଇ ଯେମିତି ମୁଣ୍ଡ ଖେଳାଇବା କଥା, ତାହା କରୁନଥିବାରୁ ଚିନ୍ତା ବଢ଼ିଯାଉଛି । ବିଶ୍ୱ ନେତାମାନେ ନିଜ ନିଜ ସମସ୍ୟାରେ ବୁଡ଼ି ରହିଛନ୍ତି । ଆମେରିକା ରାଷ୍ଟ୍ରପତି ଟ୍ରମ୍ପ କରୋନା ସଂକ୍ରମିତ ହୋଇ ମିଲିଟାରି ହସ୍ପିଟାଲରେ । ରୁଷ, ବ୍ରାଜିଲ, ଫ୍ରାନ୍ସ ଭଳି ଦେଶରେ କରୋନା ସଂକ୍ରମଣ ମାତ୍ରା ବଢ଼ିଥିବାରୁ ସେହି ଦେଶର ନେତୃତ୍ୱ ତାହା ବିରୋଧରେ ଲଢ଼େଇରେ ଶକ୍ତି ଓ ସାଧନ ଖଟାଇବାରେ ଲାଗି ରହିଛନ୍ତି । ଯେମିତି ଦେଖାଯାଉଚି, ପୂର୍ବଦିନ ଭଳି ସମୟ ଆଉ ନାହିଁ; ବିଶ୍ୱ ହୁଏତ ମୂରବିଶୂନ୍ୟ ହୋଇଯିବାର ଦୁର୍ଦ୍ଦିନ ଆସନ୍ନ । ତାହାରି ଭିତରେ ଆମକୁ ଉତ୍ପନ୍ନ ସଙ୍କଟର ମୁକାବିଲା ପାଇଁ ସମ୍ବଳ ଓ ସାମର୍ଥ୍ୟକୁ ଜୁଟାଇବା ସହ ସଂଘର୍ଷର ମୁକାବିଲା ଅବଶ୍ୟ କରିବାକୁ ହେବ । ତଥାପି କର ବା ମର ସଂଗ୍ରାମରେ ସ୍ଥିତି ରକ୍ଷା ସକାଶେ ଅଭୂତପୂର୍ବ ସଙ୍କଟ ପାଇଁ ଜନସଚେତନତା ସୃଷ୍ଟି ପାଇଁ ଏବଂ ମିଳିତ ମୁକାବିଲା ସକାଶେ ପ୍ରସ୍ତୁତ ରହିବା ଲାଗି ଜାଗ୍ରତ ରଖିବା ଦିଗରେ ପ୍ରୟାସ ଜାରି ରଖିବାକୁ ହେବ ।

ବାଜିଆ ମାରିଲା ବାଜି...

ଦିଲିପ୍ କୁମାର ତ୍ରିପାଠୀ

ବାର ବରଷର କଅଁଳ ବୟସେ
'ବାଜିଆ' ମାରିଲା ବାଜି
ନଦୀ ପାର ପାଇଁ କଂଗ୍ରେସ ଡାକରେ
ହେଲାନି କେବେ ସେ ରାଜି ।

ନୀଳକଣ୍ଠପୁର ଘାଟରେ ସେଦିନ
'ବାଜି' ବାଛିନେଲା ବିଷ
କର୍ତ୍ତବ୍ୟ ପଥରେ ଜୀବନ ଦେଇସେ
ରଖିଗଲା ଚିର ଯଶ ।

ଢେଙ୍କାନାଳ ମାଟି ବୀର-ପୁତ୍ର ବାଜି
ପାଇଁ ମାଟି କରେ ଶୋକ
ସବୁଠାରୁ ସାନ ସଂଗ୍ରାମୀ ସାଜିଲା
ରଖିଲା ମାଟିର ଟେକ ।

ସାନ ହେବା ତେଣୁ ସୀମା ନୁହେଁ ଜମା
କରିବାକୁ ଦେଶ ସେବା
ମନରେ ସାହସ, ବିଶ୍ୱାସ
ପାଦେ ପାଦେ ଆଗେଇବା ।

ଅନ୍ୟାୟ ଆଗରେ ନୋଇଁବାନି ମଥା
ଶିଖେଇଛି ପରା 'ବାଜି'
ଦେଶ-ବାସୀ ଲାଗି ଶ୍ରମ ଦେବାପାଇଁ
ଶପଥ କରିବା ଆଜି ।
ଧନ୍ୟବାଦ

+ ଢେଙ୍କାନାଳ, ପର୍ଜଙ୍ଗ,
କୁନ୍ଦନଦେଇପୁର ଶାସନ
ଇ-ମେଲ୍ ଠିକଣା:
dkt.writer@gmail.com

ଡାକ୍ତର ସୁରେନ୍ଦ୍ର ନାଥ ବାଣ

ଆମେ କମ୍ ଜାଣିଥିବା ମହାଦେଶ ଦକ୍ଷିଣ ଆମେରିକା

ପୃଥିବୀ ରେ ସାତଟି ମହାଦେଶ ମଧ୍ୟରୁ ଆଂଟାର୍କଟିକା ମହାଦେଶ ସଂପୂର୍ଣ୍ଣ ଜନଶୂନ୍ୟ । ଜନବସତି ଥିବା ଛଅଟି ଅବଶିଷ୍ଟ ମହାଦେଶ ମଧ୍ୟରୁ ଦକ୍ଷିଣ ଆମେରିକା ମହାଦେଶ ବିଷୟ ରେ ଆମମାନଙ୍କ ଜ୍ଞାନ ସିମିତ ଓ ଆଗ୍ରହ ମଧ୍ୟ କମ । ଗଣ ମାଧ୍ୟମରେ ସେ ମହାଦେଶର କଥା କ୍ୱଚିତ ପ୍ରଚାରିତ ହୋଇ ଥାଏ । କେବଳ ଚାରି ବର୍ଷରେ ଥରେ ଫୁଟବଲ ବିଶ୍ୱକପ(ଉଓଉଇ) ବେଳେ ଏହି ମହାଦେଶର ଖେଳାଳୀ ମାନଙ୍କର ଅସାଧାରଣ କୃତିତ୍ୱ ଜଣା ପଡେ ।୧୪୯୨ ମସିହା ପର୍ଯ୍ୟନ୍ତ ତାହାର ଅବସ୍ଥିତି ଆମକୁ ଜଣା ନଥିଲା । ସ୍ପେନୀୟ ନାବିକ କଲମ୍ବସ ଭାରତକୁ ଯାଉ ଯାଉ ସେଠାରେ ପହଂଚି ଗଲେ ଓ ସେ ପ୍ରଥମେ ପାଦ ଦେଇଥିବା ଦ୍ୱୀପ ମାନକୁ ଏବେବି ପଶ୍ଚିମ ଭାରତୀୟ ଦ୍ୱୀପ ପୁଞ୍ଜ (ଉବକ୍ସସଭରକ୍ସସବଭ ଓଷ୍ଣକ୍ଷବଭୟ) କୁହା ଯାଉଛି । ଆବିଷ୍କାର ହେଲା ପରେ ଆମେରିକାକୁ ନୂତନ ପୃଥିବୀ କୁହାଗଲା । ପରେ ଏହାକୁ ଉତର ଓ ଦକ୍ଷିଣ ଦୁଇଟି ମହାଦେଶ ରେ ବିଭକ୍ତ କରାଗଲା । ଉଭୟଙ୍କ ମଝିରେ ପାନାମା ଯୋଜକ ବା ପରବର୍ତି କାଳର ପାନାମା କେନାଲ ରହିଲା । ଉଭୟ ମହାଦେଶର ପଶ୍ଚିମ କଡଦେଇ ମଣିଷର ମେରୁଦଣ୍ଡ ପୃଥିବୀର ଦୀର୍ଘତମ ରକି -ଆଣ୍ଡିଜ ପର୍ବତ ଶେଣୀ ଲମ୍ବିଅଛି । ଗୋଟିଏ କଡର ସୁମେରୁ ଅଂଚଳରୁ କୁମେରୁ ଅଂଚଳ ଯାକେ ଏହି ମହାଦେଶ ଦୁଇଟି ବ୍ୟାପିଛନ୍ତି।

ଦକ୍ଷିଣ ଆମେରିକା ଏକ ତିନିକୋଣିଆ ଭୁଖଣ୍ଡ ରୂପେ ଉତରରେ ଓସାରିଆ ହୋଇ ଦକ୍ଷିଣ କୁ ସରୁ ହୋଇ ହର୍ଣ୍ଣ ଅନ୍ତରୀପ ସୃଷ୍ଟି କରିଛି । ଏହାର ଆୟତନ ୬୮ଲକ୍ଷ ବର୍ଗ ମାଇଲ, ଭାରତର ଚାରିଗୁଣ ଠାରୁ ବଡ । ଏହା ଏକ ଜନ ବିରଳ ମହାଦେଶ। ଏଠାରେ ବର୍ଗ କିଲୋ ମିଟରରେ ମାତ୍ର ୨୪ ଜଣ ବାସ କରନ୍ତି । ସମୁଦାୟ ଲୋକସଂଖ୍ୟା ପ୍ରାୟ ୪୨ କୋଟି । ବ୍ରାଜିଲର ଜନସଂଖ୍ୟା ସବୁଠାରୁ ଅଧିକ ୨୨ କୋଟି । ଅଧିକାଂଶ ଲୋକ ସାଓ-ପୋଲୋ, ରିଓ-ଡି-ଜେନେରା ,ବୁଏନ - ସଆରିସ, ଲିମା ଓ ବୋଗଟ ସାଂଟିଆଗୋ ଭଳି ମହାନଗର ରେ ରୁହନ୍ତି ।

ଏହା ପ୍ରାକୃତିକ ବୈଚିତ୍ରତା ର ଗନ୍ତାଘର । ଏହି ମହାଦେଶ ରେ ପୃଥିବୀର ବୃହତମ ନଦୀ ଆମାଜନ ବହି ଯାଉଛି । ଆମଦେଶରେ ପ୍ରବାହିତ ସମସ୍ତ ନଦୀଙ୍କର ସମ୍ମିଳିତ ଜଳ ଠାରୁ ସେଥିରେ ଅଧିକ ଜଳ ପ୍ରବାହିତ ହୁଏ । ତାହାର ଅନେକ ଉପନଦୀ ଗଙ୍ଗା ଠାରୁ ବଡ । ବଡ ବଡ ଜାହାଜ ମୁହାଣରୁ ୫୦୦ ମାଇଲ ଅଭ୍ୟନ୍ତରକୁ ଯାଇ ପାରନ୍ତି। ଛୋଟ ଜାହାଜ ଏହାର ଉତ୍ପତି ସ୍ଥଳ ଆଣ୍ଡିଜ ପର୍ବତ ଶ୍ରେଣୀର ପାଦଦେଶ କୁ ଯାଇପାରନ୍ତି । ଏହାର ପ୍ରଖର ସ୍ରୋତରେ ସମୁଦ୍ର (ଆଟଲାଂଟିକ ମହାସାଗର) ମଧ୍ୟ ପଚାଶ ମାଇଲ ପଛକୁ ଘୁଂଚି ଯାଏ । ସେଥିପାଇଁ ମୁହାଣରେ କୌଣସି ତ୍ରିକୋଣ ଭୂମି ସୃଷ୍ଟି ହୋଇନାହିଁ । ଆମାଜନ ନଦୀର ଉପତ୍ୟକାରେ ବିଶ୍ୱର ସର୍ବଶ୍ରେଷ୍ଠ ଅରଣ୍ୟ ଆମାଜନ ରେନ ଫରେଷ୍ଟ ଅଛି । ଏହାର ବିଶାଳତା ଅବର୍ଣ୍ଣନୀୟ । ଏହା ବିଶ୍ୱର ଜଳବାୟୁ କୁ ନିୟନ୍ତ୍ରଣ କରେ ।ଏହି ଜଙ୍ଗଲରେ ଅସଂଖ୍ୟ ବିଷାକ୍ତ ସରୀସୃପ, ବିଚିତ୍ର ପକ୍ଷୀ ସ୍ତନପାୟୀ, ଅନ୍ୟ ମହାଦେଶରେ ଦେଖାଯାଉ ନଥିବା ଜନ୍ତୁ ଦେଖା ଦିଅନ୍ତି । ଭୟଙ୍କର ଆନାକୋଣ୍ଡା ସାପ ଆମାଜନ ଅବବାହିକାରେ ଦେଖାଦିଏ । ଜାଗୁଆର (ବାଘ), ପୁମା (ସିଂହ),ଏମୁ(ଓଟପେକ୍ଷୀ) ଭିକ୍ୟୁନା ଏହି ମହାଦେଶରେ ଦେଖାଦିଅନ୍ତି । ପୂର୍ବରୁ ଏହି ମହାଦେଶରେ ଅନେକ ସ୍ଥାନୀୟ ଅଧିବାସୀ ବାସ କରୁଥିଲେ । ପରେ ୟୁରୋପୀୟ ମାନେ ଆସି ବସତି ସ୍ଥାପନ କଲେ । ସେମାନଙ୍କ ମଧ୍ୟରେ ସ୍ପେନୀୟ ଓ ପର୍ତୁଗିଜ ପ୍ରଧାନ । ଆଗରୁ ଦକ୍ଷିଣ ଆମେରିକାରେ ଆଜଟେକ ଓ ଇନକା ସଭ୍ୟତା ବିସ୍ତାର ଲାଭ କରିଥିଲା ।ପେରୁ ଠାରେ ଥିବା ସେମାନେଙ୍କର ଭଗ୍ନାବଶେଷ ମାଚୁ-ପିଚୁ ପୃଥୀବୀର ସପ୍ତାଶ୍ଚାର୍ଯ୍ୟ ମଧ୍ୟରେ ସ୍ଥାନ ପାଇଛି । ସେମାନେ ଅନେକ ସୁନ୍ଦର ସହର ତିଆରି କରିଥିଲେ । ସେଗୁଡିକ ରେ ମୁଲ୍ୟବାନ ଧାତୁ ଖଞ୍ଜା ହୋଇଥିଲା । ୟୁରୋପୀୟ ମାନେ ଆକ୍ରମଣ କରି ସେଗୁଡିକୁ ଧ୍ୱଂସ କରିଦେଲେ । ଧାତୁ ମାନ ତରଳାଇ ନିଜ ଦେଶକୁ ପଠାଇଦେଲେ । ସ୍ଥାନୀୟ ଲୋକ ମାନଙ୍କୁ ଜବରଦସ୍ତ ଖ୍ରୀଷ୍ଟ ଧର୍ମରେ ଦିକ୍ଷିତ କରାଇଲେ । ୟୁରୋପୀୟ ମାନଙ୍କ ସହ ଆସିଥିବା ବସନ୍ତ, ୟେଲୋ ଫିଭର, ସିଫିଲିସ, ଟାଇଫସ ରୋଗରେ ଆକ୍ରାନ୍ତ ହୋଇ ନୂତନ ପୃଥୀବୀ ର ଲୋକ ପୋକମାଛି ଭଳି ମରିଗଲେ । ୟୁରୋପୀୟ ଓ ସ୍ଥାନୀୟ ଆଦିବାସୀଙ୍କ ମଧ୍ୟରେ ବିବାହ ସଂପର୍କ ସ୍ଥାପିତ ହେବାରୁ ମିଶ୍ର ଜନଜାତି ସୃଷ୍ଟି ହେଲେ । ସେମାନଙ୍କୁ ମେଜୋଟିକ ବୋଲି କୁହାଗଲା । ବର୍ତମାନ ସେହିମାନେ ହିଁ ଦକ୍ଷିଣ ଆମେରିକାରେ ସଂଖ୍ୟାଧୀକ ଅଛନ୍ତି । ସାରା ମହାଦେଶ କୁ ଦକ୍ଷିଣକୁ ସ୍ପେନୀୟ ଓ ଉତରକୁ ପର୍ତୁଗିଜ ମାନେ ବାଂଟି ନେଇ ଶାସନ କରିଥିଲେ । ଆଫ୍ରିକାରୁ ଅନେକ କ୍ରିତଦାସ ସେଠାରେ ସ୍ଥାୟୀ ନାଗରିକତ୍ୱ ପାଇଛନ୍ତ । ଅନେକ ଜର୍ମାନ ଓଜାପାନ ବିଦେଶୀ ମଧ୍ୟ ସେଠାରେ ଦେଖାଦିଅନ୍ତି ।

ପରବର୍ତି କାଳରେ ୟୁରୋପୀୟଙ୍କ ଶାସନରୁ ମୁକ୍ତି ପାଇଁ ଆନ୍ଦୋଳନ ଆରମ୍ଭ ହେଲା । ଶସସ୍ତ୍ର ସଂଗ୍ରାମରେ ସେମାନେ ସ୍ୱାଧିନତା ପାଇଲେ । ସାଇମନ-ବଲଭିଆ ଜୋଷେ-ଦାନ-ମାରଟନ ବେନାରିଡୋ ଏହାର ନେତୃତ୍ୱ ନେଇଥିଲେ । ପରେ ଅନେକ ବର୍ଷ ଧରି ଗୃହ ଯୁଦ୍ଧ ଚାଲିଲା । କେତେ ରାଜ୍ୟ ସୃଷ୍ଟି ହୋଇ ପୁଣି ବିଲୟ ଘଟିଲା । ଅନେକ ଦେଶରେ ସାମରିକ ଶାସନ ଚାଲିଲା । ପରେ ବିଦ୍ରୋହ ହୋଇ ଗଣତନ୍ତ୍ର ଶାସନ ଅଧିକାଂଶ ରାଜ୍ୟରେ ପ୍ରତିଷ୍ଠିତ ହେଲା । ଅନେକ ରାଜ୍ୟରେ ବାମପନ୍ଥୀ ଆନ୍ଦାଳନ ଚାଲି ସାମ୍ୟବାଦୀ ଶାସନ ଚାଲିଲା । ସେଗୁଡିକୁ ଗାଦିଚ୍ୟୁତ କରିବା ପାଇଁ ଯୁକ୍ତରାଷ୍ଟ୍ର ଆମେରିକା ନିଜର ଗୁଇନ୍ଦା ସଂସ୍ଥା ସିଆଇଏକୁ ପଠାଇ ଅସ୍ଥିରତା ସୃଷ୍ଟି କଲା । ସେଥିପାଇଁ କେତେକ ଦେଶକୁ ବାନାନା ରିପ୍ଲବିକ(ଇଉଘଇଘଇ ଜଉଚଟଈ-ଖଓଉ) କୁହାଗଲା,ଯେଉଁଃ ଶାସନରେ ଘଡିକେ ଘୋଡା ଛୁଟୁ ଥିଲା । ବର୍ତମାନ ସ୍ଥିରତା ପ୍ରତିଷ୍ଠିତ ହୋଇ ୧୨ ଟି ସାର୍ବଭୌମ୍ୟ ରାଷ୍ଟ୍ର ରହିଛନ୍ତି । ସେଗୁଡିକ ହେଲା ବ୍ରାଜିଲ, ଆଜେଂଟିନା, ପେରୁ, ଉରୁଗୁଏ , ପାରାଗୁଏ,ବଲଭିଆ, କଲମ୍ବିଆ, ଚିଲି, ଇକ୍ୱେଡର, ଭେନେଜୁଆଲା, ପାନାମା,ସୁରିନାମ, ତ୍ରିନିଦାଦ ଓ ଟବାଗୋ । ବ୍ରାଜିଲ, ଆର୍ଜେଂଟିନା ଓ ଚିଲି ସବୁଠାରୁ ଉନ୍ନତ, ଏ.ବି.ସି ରାଷ୍ଟ୍ର ବୋଲି ପରିଚିତ । ମହାଦେଶରେ ପୃଥିବୀର ଉଚ୍ଚତମ ଜଳପ୍ରପାତ ଏଞ୍ଜେଲ ଭେନେଜୁଆଲା ଦେଶରେ ଅଛି । ଉଚ୍ଚତମ ମଧୁର ଜଳ ହ୍ରଦ ଟିଟିକାକା ମଧ୍ୟ ଏହି ପ୍ରଦେଶରେ ଅଛି । ହିମାଲୟ ବାହାରେ ଉଚ୍ଚତମ ଶୃଙ୍ଗ ଆକାନୋଗୋଆ ଆଣ୍ଡିଜ ପର୍ବତ ଶ୍ରେଣୀରେ ଅଛି । ଆମାଜାନ ଅବବାହିକାରେ ପୃଥିବୀର ସର୍ବାଧିକ ଆଦ୍ର ସ୍ଥାନ; ଆଟାକାମା ମରୁଭୂମିରେ ସବୁଠାରୁ ଶୁଷ୍କ ଅଂଚଳ ଅବସ୍ଥିତ । ଆର୍ଜେଂଟିନାରେ ରହଛି ନାତିଶିତୋଷ୍ଣ ତୃଣଭୂମି ପମ୍ପାସ ରହିଅଛି । ସେଠାରେ ପଶୁପାଳନ ବହୁଳ ଭାବରେ ହୁଏ ଓଏହା ବିଶ୍ୱର ବୃହତମ ମାଂସ, ଗହମ, ଚମଡା, ପଶମ ରପ୍ତାନୀ ଅଂଚଳ ରୂପେ ଖ୍ୟାତ । ଆମାଜନ ଅବବାହିକାରେ ରବର,କଫି, କୋକା ବହୁତ ଉତ୍ପାଦନ ହୁଏ । ଭେଜୁଏନଲା ବିଶ୍ୱର ଅନ୍ୟତମ ବୃହତଖଣିଜ ତୈଳ ଉତ୍ପାଦନ କାରି ଦେଶ । ଆଟାକାମା ମରୁଭୁମିରେ ସାର ପାଇଁ ଦରକାର ପଟାସ ସଂଗ୍ରହ କରାଯାଏ । ଚିଲିରେ ସବୁଠାରୁ ଅଧିକ ନମ୍ବା ମିଳେ । ଆମେ ବ୍ୟବହାର କରୁଥିବା ବିଲାତିଆଳୁ, ବିଲାତି ବାଇଗଣ, ଧୁଆଁପତ୍ର ୟୁରୋପୀୟ ମାନେ ଦକ୍ଷିଣ ଆମେରିକାରୁ ସଂଗ୍ରହ କରି ପୃଥିବୀର ଚାରିଆଡକୁ ନେଇଥିଲେ । ଫୁଟବଲ ଖେଳରେ ଦକ୍ଷିଣ ଆମେରିକାର ଏକ ସ୍ୱତନ୍ତ୍ର ସ୍ଥାନ ଅଛି । ଅନେକ ବିଶ୍ୱପ୍ରସିଦ୍ଧ ଫୁଟବଲ ଖେଳାଳୀ ଯଥା ପେଲେ, ମାରାଡୋନା ଏହି ମହାଦେଶର । ସଂଖ୍ୟାଧୀକ ଥର ଫୁଟବଲ ବିଶ୍ୱକପ ବିଜେତା ଏହି ମହାଦେଶ ହୋଇଛି । ଏଥିପାଇଁ ଦେଶ ଦେଶ ମଧ୍ୟରେ ଯୁଦ୍ଧ ମଧ୍ୟ ହୋଇଛି । ଏ ମହାଦେଶର ଅନେକ ଅଂଚଳ ଏବେ ମଧ୍ୟ ବିଦେଶି ଅଧିନରେ ରହିଛି । ଫକଲାଣ୍ଡ ଦ୍ୱିପପୁଞ୍ଜର ମାଲିକାନା ନେଇ ୧୯୮୨ ମସିହାରେ ଇଂଲଣ୍ଡଓ ଆର୍ଜେଂଟିନା ମଧ୍ୟରେ ୭୨ ଦିନ ଧରି ଯୁଦ୍ଧ ହେଲା ପରେ ଆଜେଂଟିନା ଆତ୍ମସମର୍ପଣ କରିଥିଲା । ବ୍ରାଜିଲ ସହ ଭାରତର ସଂପର୍କ ଇଜଓଉଝ,ଏ-୨୦,ଓଇଝଇ,ଏ୪ ମାଧ୍ୟମରେ ନିକଟରର ହୋଇଛି ।

+ ଓଡ଼ିଶା ନ୍ୟୁକ୍ ସର୍ଭିସ୍,
ଉମରକୋଟ, ନବରଙ୍ଗପୁର,
ମୋ:୯୪୩୭୨୩୫୩୮୬

ଭୁବନାନନ୍ଦ ତ୍ରିପାଠୀ

ଦେଶର୍ ନୂତନ ଶିକ୍ଷାନୀତି

ଆମ ଦେଶରେ ନୂତନ ଶିକ୍ଷାନୀତି ଚଳିତ ଜୁଲାଇ ମାସରେ ପ୍ରଣୟନ ହୋଇଯାଇଛି । ଏହା ଏନ୍.ଇ.ପି. ଅର୍ଥାତ୍ ନେସ୍‌ନାଲ୍ ଏଜୁକେସନ୍ ପଲିସି-୨୦୨୦ ନାମରେ ଦେଶସାରା ଚର୍ଚ୍ଚା ଆଲୋଚନା ହେଉଛି । ୩୪ବର୍ଷ ତଳର ପୁରୁଣା ଶିକ୍ଷାନୀତିକୁ ପରିମାର୍ଜିତ କରି ଏହି ନୂତନ ନୀତି ପ୍ରଣୟନ କରାଯାଇଛି । ଶ୍ରୀ କେ. କସ୍ତୁରୀରଙ୍ଗନଙ୍କ ପରି ଜଣେ ବୈଜ୍ଞାନିକ ତଥା ଶିକ୍ଷାବିତ୍ ଏହି ନୂତନ ଶିକ୍ଷା ନୀତି ନିର୍ଦ୍ଧାରଣ କମିଟିର ସଭାପତି ଥିଲେ । ପ୍ରାରମ୍ଭରେ ଶିକ୍ଷା କ୍ଷେତ୍ରରେ ବର୍ତ୍ତମାନ ସ୍ଥିତି ସମ୍ପର୍କରେ ଗୋଟିଏ ସମୀକ୍ଷା ରିପୋର୍ଟ ପ୍ରସ୍ତୁତ କରିଥିଲେ ଶ୍ରୀ ଟି.ଏସ୍.ଆର. ସୁବ୍ରମଣ୍ୟମ୍, ଦେଶର ଜଣେ ବିଶିଷ୍ଟ ପ୍ରଶାସକ ।

ପ୍ରଣୟନ ହୋଇଥିବା ନୂତନ ଶିକ୍ଷାନୀତି ସମଗ୍ର ଦେଶରେ ପୂର୍ଣ୍ଣ ଭାବରେ ଲାଗୁ ହେବା ପାଇଁ କିଛି ସମୟ ଲାଗିବ । ଏ କ୍ଷେତ୍ରରେ କେନ୍ଦ୍ର ସରକାର, ରାଜ୍ୟ ସରକାର, ଶିକ୍ଷା ବିଭାଗ, ଶିକ୍ଷକ ବର୍ଗ, ବେସରକାରୀ ଶିକ୍ଷାନୁଷ୍ଠାନ ଗୁଡିକର ପରିଚାଳକ ବୃନ୍ଦ, ଏପରି ଅନେକ ସ୍ତରରେ ଥିବା ବିଭାଗ ଏବଂ ଅନୁଷ୍ଠାନମାନଙ୍କର ସକ୍ରିୟ ଭାଗିଦାରୀ ରହିବ । ନୂତନ ଶିକ୍ଷାନୀତିର ସଠିକ୍ ଅନୁପାଳନ ପାଇଁ ଶିକ୍ଷାକ୍ଷେତ୍ର ସହିତ ସଂପୃକ୍ତ ଥିବା ପ୍ରତ୍ୟେକ ବ୍ୟକ୍ତି ନିକଟରେ ଏହି ନୀତି ସପକ୍ଷରେ ଆନ୍ତରିକତାର ଆବଶ୍ୟକତା ରହିଛି ।

ନୂତନ ଶିକ୍ଷାନୀତିରେ ପ୍ରାଥମିକ ଏବଂ ମାଧ୍ୟମିକ ଶିକ୍ଷା ପାଇଁ ତଳଲିଖିତ କେତେଗୋଟି ନୂତନ ବିନ୍ଦୁ ରଖାଯାଇଛି ।

୧. ପୂର୍ବ ପ୍ରାଥମିକ ବର୍ଗ ପାଇଁ ଆନୁଷ୍ଠାନିକ ଶିକ୍ଷା ବ୍ୟବସ୍ଥା ।

୨. ପଞ୍ଚମ ଗ୍ରେଡ୍ ପର୍ଯ୍ୟନ୍ତ ମାତୃଭାଷା/ସ୍ଥାନୀୟ ଭାଷା ମାଧ୍ୟମରେ ଶିକ୍ଷାଦାନ ।

୩. ଷଷ୍ଠ ଗ୍ରେଡ୍‌ରେ ଭୋକେସନାଲ ଶିକ୍ଷା (ହସ୍ତକର୍ମ)ର ପ୍ରୟୋଗ ।

୪. ମାଟ୍ରିକ୍ (୯ମ ଓ ୧୦ମ) କୋର୍ସ ସହିତ +୨ କୋର୍ସର ସଂପୂର୍ଣ୍ଣ ମିଶ୍ରଣ ।

୫. କେବଳ ଦ୍ୱାଦଶ ଗ୍ରେଡ୍ ପରେ ବୋର୍ଡ ପରୀକ୍ଷାର ବ୍ୟବସ୍ଥା ।

୬. ସଂସ୍କୃତ ଭାଷା ଶିକ୍ଷା ପାଇଁ ଗୁରୁତ୍ୱ ପ୍ରଦାନ ।

ଉପର ଲିଖିତ ନୂତନ ପଲିସି ଗୁଡିକର ଅନୁପାଳନ ହେବାକୁ ଯାଉଥିବା ବେଳେ, ଦେଶର ସବୁଠାରୁ ତଳ ପାହାଚରେ ଥିବା ଗୋଟିଏ ୟୁନିଟ୍ ଅର୍ଥାତ୍ ଗୋଟିଏ ଗାଁର ଉଦାହରଣ ଏହି ଆଲୋଚନା ପରିସରକୁ ଅଣାଯାଇପାରେ । ଉଦାହରଣ ଭାବେ ପ୍ରସ୍ତୁତ କରାଯାଉଥିବା ଗାଁଟିର ନାଁ ହେଉଛି କନ୍ତିଓକାଟେଣୀ । ଏହା ଢେଙ୍କ

ବିବିଧ ବିଶ୍ୱ
ଦେଶ ବିଦେଶର ଜଣାଅଜଣା
ଧ୍ୱନି ପ୍ରତିଧ୍ୱନି
୫ ♣ ବାଲେଶ୍ୱର ♣ ବୁଧବାର, ଅକ୍ଟୋବର ୭, ୨୦୨୦

ମୁକ୍ତ ଭାରତ କେବେ ?

ଶରତ କୁମାର ରାଉତ

ଭାରତୀୟ ରାଜନୀତିରେ ଅପରାଧ ଓ ଭ୍ରଷ୍ଟାଚାର ବହୁ ଅଧିକ ବଢି ଗଲାଣି। ଦେଶ ପାଇଁ ଯେଉଁ ଗୁରୁତ୍ୱପୂର୍ଣ୍ଣ ବିଷୟ ଗୁଡିକର ବିକାଶ ଆଶା କରାଯାଉଥିଲା, ତାହା ଏବେ ସ୍ୱପ୍ନ। ସ୍ୱାଧୀନତାକୁ ନେଇ ବିକାଶର ଉଚ୍ଚ ପାହାଚ ପର୍ଯ୍ୟନ୍ତ ଗତି କରି ଆସିଥିବା ଭାରତୀୟ ଗଣତନ୍ତ୍ର କେତେକ ତଥାକଥିତ ରାଜନୀତିଜ୍ଞଙ୍କର ଅକ୍ତିଆରରେ ରହିଥିବାରୁ ଭାରତୀୟମାନେ ମଧ୍ୟ ଅନ୍ଧ ଭଳି ସେମାନଙ୍କୁ ସମର୍ଥନ କରିଆସୁଛନ୍ତି। ଆଶ୍ଚର୍ଯ୍ୟର କଥା ଯେ, ଭାଷାବାଦ୍, ଆଂଚଳିକବାଦ୍, ଜାତିବାଦ୍, ଉଗ୍ରବାଦ୍, ଲିଙ୍ଗବାଦ୍, ନକ୍ସଲବାଦ୍, ଆଦି 'ବାଦ୍'ରେ ବିଭକ୍ତ ହୋଇ ଚାଲିଥିବା ଭାରତୀୟ ଜନତା ଏଇ ତଥାକଥିତ ଦେଶ ଭକ୍ତ ଓ ସ୍ୱାର୍ଥପର ନେତା ମାନଙ୍କ ଇଚ୍ଛାକୁ ସଫଳ କରି ଚାଲିଛନ୍ତି। ଗଣତନ୍ତ୍ରର ଦ୍ୱାହି ଦେଉଥିବା ଏହି ରାଜନୀତିଜ୍ଞମାନେ କେବେ ମଧ୍ୟ ସତ୍ୟକୁ ସ୍ୱୀକାର କରିବାର ନୈତିକତା ଅନୁଭବ କରି ନାହାନ୍ତି। ସତ୍ୟ ଉପରେ ଅସତ୍ୟକୁ, ଜନମତ ଉପରେ ନିଜର ରାଜନୀତିକ ସ୍ୱାର୍ଥର ବିଷବୃକ୍ଷ ରୋପଣ ଏହି ନେତା ମାନଙ୍କର ପ୍ରମୁଖ କାର୍ଯ୍ୟ ହୋଇଛି। କେନ୍ଦ୍ର ବା ରାଜ୍ୟ ସରକାର, କେହି ଜନମତକୁ ସ୍ୱୀକାର କରୁନାହାନ୍ତି। ଗାଦିକୁ ଆସିବା ପରେ ସମସ୍ତେ ଜନମତକୁ ଭୁଲି ନିଜ ଇଚ୍ଛାରେ କାମ କରୁଛନ୍ତି।

ରାଜନୀତିକ ଦଳ ମାନଙ୍କ ଅପରାଧ ଲିପ୍ତତା ଓ ଭ୍ରଷ୍ଟାଚାର ଦ୍ରୁତ ଗତିରେ ବଢି ଚାଲିଛି। ସୁଶାସନ ଓ ଲୋକଙ୍କ ସେବା ଛାଡ଼ି କୌଣସି ପ୍ରକାରେ ନିର୍ବାଚନରେ ଜିତିବା ଓ ସରକାର ଗଠନ କରିବା ସମସ୍ତଙ୍କର ମୁଖ୍ୟ ଲକ୍ଷ୍ୟ ହେଲାଣି। ଭୋଟ୍ ପାଇଁ ନୋଟ୍ ବାଂଟିବା ତ ଭିନ୍ନ କଥା, ମାତ୍ର ନିର୍ବାଚନରେ ଜିତିବାକୁ ହିଂସା ଓ ହତ୍ୟାକାଣ୍ଡ ଭଳି ଅମାନବୀୟ ପନ୍ଥାର ଆଶ୍ରୟ ନେବା ଆମ ଗଣତନ୍ତ୍ର ପାଇଁ ଆଦୌ ଶୁଭଙ୍କର ନୁହେଁ। ସାଧାରଣ ନିର୍ବାଚନରେ ଭୋଟରଙ୍କ ଭୋଟ୍ କିଣାଯିବା ମାମୁଲି ଘଟଣା ହୋଇଥିଲା। ମାତ୍ର ଏବେ କେତେକ ଗୁରୁତ୍ୱପୂର୍ଣ୍ଣ ନିର୍ବାଚନରେ ଜନପ୍ରତିନିଧି ମାନଙ୍କ ଭୋଟ୍ କୁ ମଧ୍ୟ କିଣା ଗଲାଣି। ନିଜ ଦଳର ପ୍ରାର୍ଥୀ ଜିତୁ ବୋଲି ଚାହିଁବା ସ୍ୱାଭାବିକ, ହେଲେ ଅଗଣତାନ୍ତ୍ରିକ ଭାବେ କ୍ଷମତା ଦଖଲ କରିବାକୁ କେହି ପଛାଉ ନାହାନ୍ତି। ସ୍ୱତଃସ୍ଫୂର୍ତ ଭାବେ ମତଦାତା ମାନେ ନିଜ ଭୋଟ୍ ଦେବାର ଆନନ୍ଦ ଉପଭୋଗ କରିବାକୁ ରାଜନୀତିକ ଦଳ ମାନେ ସୁଯୋଗ ଦେଉ ନାହାନ୍ତି। ସେମାନେ ମତଦାତା ମାନଙ୍କ ପାଖରେ ପହଂଚି ବିଭିନ୍ନ ଉପହାର ବା ପ୍ରଲୋଭନ ଦେଖାଉଛନ୍ତି। ଆଉ ଏହି କଳାରେ ନିପୁଣ ଦଳକୁ ହିଁ ସର୍ବାଧିକ ଭୋଟ୍ ମିଳୁଛି। ଯେଉଁଥିପାଇଁ ସାଧାରଣ ଜନତା ଓ ବୁଦ୍ଧିଜୀବୀ ମାନଙ୍କର ମତ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଅଦୃଶ୍ୟ ହୋଇ ଚାଲିଛି। ଅନୁଶାସନର ସମସ୍ତ ମାପଦଣ୍ଡ ରାଜନୈତିକ ଦଳ ତଥା ନେତା ମାନଙ୍କ ଦ୍ୱାରା ଭଙ୍ଗା ଯାଉଛି। ନିଜର ସ୍ୱାର୍ଥରକ୍ଷା ପାଇଁ ଜନମତକୁ ଦମନ ସ୍ୱରୂପ ନିୟମ କାନୁନ୍ ତିଆରି କରାଯାଉଛି। ଦେଶର କୋଣେ କୋଣେ ଚାଲିଥିବା ଦଙ୍ଗା-ସଂଘର୍ଷର ନିଆଁ ନେତା ମାନଙ୍କର ହିଁ ଦାନ। ପ୍ରଶାସନିକ ଅରାଜକତା ଆଜି ଚରମ ସୀମାରେ ପହଂଚିଛି। ପ୍ରଶାସନିକ ନିଷ୍ଠୁର କାର୍ଯ୍ୟ ପ୍ରଣାଳୀ ଭିତରେ ଜନତା ପେଷି ହୋଇ ଚାଲିଛି। ନେତା ଓ ପ୍ରଶାସନିକ ଅଧିକାରୀ ମାନେ ମିଳିମିଶି ସାଧାରଣ ପ୍ରଜାଙ୍କୁ ଶୋଷଣ କରି ଚାଲିଛନ୍ତି ଓ ନିଜର ଇଚ୍ଛାକୁ ଜବରଦସ୍ତି ସେମାନଙ୍କ ଉପରେ ଲଦୁଛନ୍ତି। ଏଭଳି ସମ୍ବେଦନଶୀଳ ଘଟଣା ମାନ ସୀମା ଲଂଘନ ହେବାରେ ଲାଗିଛି। ଭାରତୀୟ ଗଣତନ୍ତ୍ର ଯେପରି ଆହତ ହୋଇ ଚିତ୍କାର କରୁଥିବା ଭଳି ମନେ ହେଉଛି। ସରଳ ଭାରତୀୟ ମାନଙ୍କର ଏକତାର ଭାବକୁ ଖିନ୍‌ଭିନ୍ କରି ବିଭିନ୍ନ ବର୍ଗରେ ବିଭକ୍ତ କରାଇ ପରସ୍ପର ଭିତରେ ଘୃଣା, ଦ୍ୱେଷ, ରକ୍ତପାତ, କଳହ ସୃଷ୍ଟି କରୁଥିବା ଏଇ ତଥାକଥିତ ନେତା ମାନଙ୍କୁ ସମୟ କ୍ଷମା ଦେବ କି ନାହିଁ, କେଜାଣି!

ଆଜି ଆମ ଦେଶର ନେତାମାନଙ୍କ ସଂକୀର୍ଣ୍ଣ ମାନସିକତାର ପରିଣତି ସ୍ୱରୂପ ଅନେକ ଅଂଚଳରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହେଉଛି। ଭୋଟ୍ ବ୍ୟାଙ୍କ ସୃଷ୍ଟି ପାଇଁ ଜାତୀୟତାର ଭାବ ଭୁଲି ଚାଲିଥିବା ନେତା ମାନଙ୍କର ସ୍ୱାର୍ଥ ପରାୟଣତା ପ୍ରଜାଙ୍କୁ ପୁଣି ପରାଧୀନତା ଆଡ଼କୁ ଠେଲି ନେଉଛି। ସବୁଠୁ ଦୁର୍ଭାଗ୍ୟର କଥା, ବର୍ତମାନ ଦେଶରେ ବିଭିନ୍ନ "ବାଦ୍"ର ନିଆଁ ଉଗ୍ରରୂପ ଧାରଣ କରିଛି। ସଂପୂର୍ଣ୍ଣ ଘଟଣାର ସୃଷ୍ଟିକର୍ତା ଏହି ତଥା କଥିତ ନେତା ମାନେ। ଓଡ଼ିଶା ରାଜନୀତି ଓ ପ୍ରଶାସନତନ୍ତ୍ରକୁ ସରଗରମ କରି ରଖିଥିବା ଚିଟ୍‌ଫଣ୍ଡ୍ ଠକେଇ, ଖଣି ଓ ପାଣି ଦୁର୍ନୀତି, ମନରେଗା ଦୁର୍ନୀତି, ଉନ୍ନୟନ କାର୍ଯ୍ୟରେ ଶିଥିଳତା ଓ ପିସି କାରବାର, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ମହିଳା ନିର୍ଯ୍ୟାତନା ଓ ନାବାଳିକା ଦୁଷ୍କର୍ମ ଭଳି ବିଭିନ୍ନ ପ୍ରସଙ୍ଗ ପାଇଁ ଦାୟୀ ବେକଳ ପ୍ରଶାସନତନ୍ତ୍ର ଓ ତଥାକଥିତ ଭ୍ରଷ୍ଟ ନେତା ମାନେ।

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଓଡ଼ିଶାରେ ବିଭିନ୍ନ ଉନ୍ନୟନମୂଳକ ଯୋଜନା କାର୍ଯ୍ୟକାରୀ ହେଉଥିଲେ ହେଁ ସାଧାରଣ ମଣିଷର ଆର୍ଥିକ ଉନ୍ନତି ହୋଇ ପାରୁ ନାହିଁ। ଧନୀ ଆଉରି ଧୀନ ଓ ଗରିବ ଆଉରି ଗରିବ ହୋଇ ଚାଲିଛି। କେନ୍ଦ୍ର ଓ ରାଜ୍ୟର ଶାସକ ଦଳ ସରକାରୀ ଉନ୍ନୟନ ଯୋଜନା ଗୁଡ଼ିକର ଫାଇଦା ଅଗଣତାନ୍ତ୍ରିକ ଭାବେ ନିଜ ସମର୍ଥକ ବା ଦଳୀୟ କର୍ମୀମାନଙ୍କୁ ବାଂଟିବାରେ ବ୍ୟସ୍ତ ରହୁଥିବା ଅଭିଯୋଗ ହେଉଛି। କିଏ ଗରିବ ଓ କିଏ ଧନୀ, ଏଯାଏ ତାହାର ବାସ୍ତବ ମାପଦଣ୍ଡ ନିର୍ଦ୍ଧାରିତ ହୋଇ ପାରି ନାହିଁ କି ହେବାର ନାହିଁ। ହୁଏତ ଆମ ଦେଶରେ ଶାସନ କ୍ଷମତାରେ ରହିବାକୁ ହେଲେ ନୀତି ନୁହେଁ, ଅନୀତିକୁ ଆପଣେଇବାକୁ ହେବ। ସଚଳ ଗୋଷ୍ଠିକୁ ସବୁ ଯୋଜନାର ଲାଭ ଦେଇ ଗରିବ ପ୍ରଜାଙ୍କୁ କେବଳ ଭୋଟ୍ ବେଳେ ସାମାନ୍ୟ ଉପହାର ଦେବାକୁ ହେବ। ଏହି ନୀତି ସମସ୍ତେ ଠିକ୍ ଭାବେ କାର୍ଯ୍ୟକାରୀ କରୁଥିବା ଦେଖା ଯାଉଛି। ୨୦୧୯ ନିର୍ବାଚନରେ ଏହା ମଧ୍ୟ ପ୍ରମାଣିତ ହୋଇଛି। କତେକ ବିଧାୟକ ଏବଂ ସାଂସଦ ନିଜ ଅଂଚଳରେ ଚାଲିଥିବା ଯୋଜନା ଓ ନିଜ ଉନ୍ନୟନ ପାଣ୍ଠିର ଅପବ୍ୟବହାର କରୁଥିବା ଅଭିଯୋଗ ହେଉଛି। ଅନ୍ୟ ଜନପ୍ରତିନିଧି ମାନେ ନିଜ ଅଧୀନରେ କାର୍ଯ୍ୟକାରୀ ଯୋଜନା ବା ସରକାରୀ ସେବା ଯୋଗାଣ କାର୍ଯ୍ୟରୁ ନିଜ ନିଜର ଭାଗ ବା ପିସି ନେଉଥିବା ସାଧାରଣ ଘଟଣାରେ ପରିଣତ ହୋଇଛି। ଆଦିବାସୀ ଅଂଚଳରେ ଏହି ଅବସ୍ଥା ସାଂଘାତିକ। ସମସ୍ତେ ଆଦିବାସୀ ସ୍ୱାର୍ଥ ଲୁଟ୍‌ରେ ବ୍ୟସ୍ତ।

ଭାରତ ସର୍ବଦା ବିଶ୍ୱ ପରିବାର ଓ ବିଶ୍ୱ ଶାନ୍ତିର ଆହ୍ୱାନ ଦେଇ ଆସୁଛି। ମାତ୍ର ଏହି ଲକ୍ଷ୍ୟ ପ୍ରାପ୍ତି ପାଇଁ ଯେଉଁ ଭୂମିକାର ଆବଶ୍ୟକତା ଥିଲା ଓ ଅଛି, ସେ ସବୁ କାଳର କରାଳ ଗର୍ଭରେ ଖିନ୍‌ଭିନ୍ ହୋଇ ଚାଲିଛି ଓ ଏଥିପାଇଁ ସେହି ନେତାମାନେ ହିଁ ଦାୟୀ। ସୌଭାଗ୍ୟବଶତଃ ଭାରତୀୟ ବୈଜ୍ଞାନିକମାନେ ନିଜର ପ୍ରତିଭା ବଳରେ ଭାରତକୁ ବିଶ୍ୱନାୟକର ଭୂମିକା ଦେବାକୁ ସଙ୍କେତ ଦେଉଛନ୍ତି। ଏପରିକି ଭାରତ ବିଶ୍ୱ ବିଜୟ ଅଭିଯାନର ସଂକଳ୍ପ ସଂପୂର୍ଣ୍ଣ କରିନେଇଛି। ଅବଶ୍ୟ ବିଶ୍ୱବାସୀଙ୍କ ଚିନ୍ତାଧାରା ଅନୁଯାୟୀ ପାକିସ୍ତାନ ଓ ଚୀନ୍ ସହ ଆମର ଉତେଜନା ମୂଳକ ସଂପର୍କ ଦୁର୍ଭାଗ୍ୟଜନକ। ଅର୍ଥାତ୍ ଆମେ ସମସ୍ତଙ୍କୁ ହରେଇ ନିଜ ଠାରୁ ହାରୁଛେ। ତଥାପି ସବୁକିଛି ହରେଇ ଭାରତ ଚୀନ୍ ଓ ପାକିସ୍ତାନ ପ୍ରତି ଯେଭଳି ଧୈର୍ଯ୍ୟପୂର୍ବକ ବ୍ୟବହାରର ପରିଚୟ ପ୍ରଦାନ କରି ଚାଲିଛି, ତାହା ହିଁ ଶାଶ୍ୱତ ମୂଲ୍ୟ, ଯାହାକୁ ଦିନେନା ଦିନେ ବିଶ୍ୱବାସୀ ନିଶ୍ଚୟ ଗୁରୁତ୍ୱ ଦେବେ। ଭାରତୀୟ ଗଣତନ୍ତ୍ରକୁ ଏବେ କଠୋର ସତ୍ୟର ସପକ୍ଷବାଦୀ ହେବାକୁ ପଡିବ। ନଚେତ୍ ଜନମତ ଓ ଜନସ୍ୱାର୍ଥ ସହ ଖେଳୁଥିବା ଭ୍ରଷ୍ଟ ରାଜନୀତିଜ୍ଞ ମାନଙ୍କୁ ବେଶି ସମୟ ପର୍ଯ୍ୟନ୍ତ କ୍ଷମା କରାଯାଇ ପାରିବ ନହିଁ। ଦେଶର ସୀମାନ୍ତ ଅଂଚଳରେ ଯେଭଳି ଅବସ୍ଥା ସୃଷ୍ଟି ହୋଇଛି ଓ ଦେଶ ଭିତରେ ନକ୍ସଲ୍ ଉତ୍ପାତ ଯେଭଳି ପ୍ରକାଣ୍ଡ କାୟା ବିସ୍ତାର କରି ଚାଲିଛି, ଗଣତନ୍ତ୍ରର ପୁନଃ ମୂଲ୍ୟାୟନର ଅନିବାର୍ଯ୍ୟ ଆବଶ୍ୟକତା ଅନୁଭୂତ ହେଉଛି। ଧୀରେ ଧୀରେ ଦେଶର ଭ୍ରଷ୍ଟନେତା ମାନେ ଲୋକଲୋଚନକୁ ଆସିବା ନିଶ୍ଚିତ ମନେ ହେଉଛି। ବାସ୍ତବତା ହେଲା, ଦେଶରେ ଯେପର୍ଯ୍ୟନ୍ତ ମାଓବାଦ୍ ନିୟନ୍ତ୍ରଣ, ପଡ଼ୋଶୀ ରାଷ୍ଟ୍ର ମାନଙ୍କ ସହ ସୁସଂପର୍କ ସ୍ଥାପନ, ଦୁର୍ନୀତି, ଭ୍ରଷ୍ଟାଚାର, ବେଆଇନ କାର୍ଯ୍ୟ, ଶୋଷଣ ଆଦି ନିୟନ୍ତ୍ରଣ ହୋଇନାହିଁ ଓ ପ୍ରତ୍ୟେକ ନାଗରିକ ଆର୍ଥିକ ସ୍ୱାବଲମ୍ବୀ ନହୋଇଛନ୍ତି, ସେପର୍ଯ୍ୟନ୍ତ କୌଣସି ଦଳର ସରକାର ବା ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଶାସନକୁ ଭଲ ବୋଲି କୁହାଯାଇ ପାରିବ ନାହିଁ। ତଥାପି ସରକାରଙ୍କୁ କୌଣସି ପ୍ରକାର ଦେଶର ପବିତ୍ର ସମ୍ବିଧାନ ଓ ଗଣତନ୍ତ୍ରର ଗୌରବ ଅକ୍ଷୁର୍ଣ୍ଣ ରଖିବାକୁ ହେବ।

+ ଓଡ଼ିଶା ନ୍ୟୁଜ୍ ସର୍ଭିସ,
ଭୁବନେଶ୍ୱର, ମୋ-
୯୩୩୭୩୬୯୪୪୮

ଡାଏଟ୍ ପିଲ୍‌ର ପାର୍ଶ୍ୱ ପ୍ରତିକ୍ରିୟା

କର୍ମବ୍ୟସ୍ତତା ମଧ୍ୟରେ ଅନେକ ଲୋକ ଖାଦ୍ୟପେୟ ଉପରେ ଧ୍ୟାନ ଦେଇ ନ ପାରିବା ଯୋଗୁ ଡାଏଟ୍ ପିଲ୍ ନେଉଛନ୍ତି । ଏହି ପିଲ୍‌ରେ ଭିଟାମିନ୍ସ, ମିନେରାଲ୍ସ ଓ ଅନେକ ଖଣିଜ ପଦାର୍ଥ ରହିଛି ଯାହା ଖାଦ୍ୟାଭାବକୁ ପୂରା କରିଥାଏ । ହେଲେ ଡାଏଟ୍ ପିଲ୍ ଇଟିଙ୍ଗ୍ ଡିସଅର୍ଡର ସମସ୍ୟା ବଢାଇପାରେ ? ଅଧ୍ୟୟନରୁ ଜଣାପଡିଛି ବର୍କବ୍ୟସ୍ତତା ବା ଓଜନ କମ୍ କରିବା ପାଇଁ ଯେଉଁମାନେ ଖାଦ୍ୟ ପରିବର୍ତ୍ତେ ଡାଏଟ୍ ପିଲ୍ ବା ସିରପ୍ ବ୍ୟବହାର କରୁଛନ୍ତି ସେମାନଙ୍କୁ ୧-୩ ବର୍ଷ ମଧ୍ୟରେ ଇଟିଙ୍ଗ୍ ଡିଜର୍ଡର ସମସ୍ୟା ରହିଛି । ଏଥି ସହ ଉଚ୍ଚ ରକ୍ତଚାପ, ଯକୃତ ଓ କିଡ୍‌ନୀର ସମସ୍ୟା ସମ୍ବନ୍ଧୀୟ ଗମ୍ଭୀର ସମସ୍ୟା ମଧ୍ୟ ହୋଇପାରେ । ଏହା ପାଚନ ତନ୍ତ୍ର ଉପରେ ମଧ୍ୟ ପ୍ରଭାବ ପକାଇଥାଏ । ୨୦୦୧-୧୬ ମଧ୍ୟରେ ୧୪ରୁ ୩୬ ବର୍ଷ ବୟସର ୧୦,୦୫୮ ମହିଳାଙ୍କ ଉପରେ ରିସର୍ଚ୍ଚ କରାଯାଇଥିଲା । ପିଲ୍ ବ୍ୟବହାର କରୁଥିବା ୧.୮% ୧-୩ ବର୍ଷ ମଧ୍ୟରେ ବା ପ୍ରଥମରୁ ହିଁ ଇଟିଙ୍ଗ୍ ଡିଜର୍ଡର ସମସ୍ୟା କହିଥିଲେ ।

ଗର୍ଭାବସ୍ଥା ସମୟ ପାଇଁ ଡାଏଟ୍ ଟିପ୍‌ସ

ଗର୍ଭାବସ୍ଥା ସମୟରେ ମହିଳାମାନଙ୍କୁ ନିଜ ସହିତ ଗର୍ଭସ୍ଥ ଶିଶୁର ସ୍ୱାସ୍ଥ୍ୟର ଯତ୍ନ ନେବା ଜରୁରୀ । ଏପରି ସ୍ଥିତିରେ ମହିଳାମାନଙ୍କୁ ଖାଦ୍ୟପେୟର ବିଶେଷ ଧ୍ୟାନ ରଖିବା ଆବଶ୍ୟକ । ଏ ସମୟରେ ଖାଦ୍ୟପେୟର ବିଶେଷ ଯୋଗଦାନ ଥାଏ । କେତେକ ଲାଭକାରୀ ଟିପ୍‌ସ କୁ ମହିଳାମାନେ ଫଲୋ କରିବା ଉଚିତ ।

♦ ଗର୍ଭାବସ୍ଥା ସମୟରେ ପ୍ରୋଟିନଯୁକ୍ତ ଖାଦ୍ୟ ଯଥା:- ଡାଲି, ଅଙ୍କୁରିତ ଶସ୍ୟ, କ୍ଷୀର ଏବଂ କ୍ଷୀର ଜାତୀୟ ପଦାର୍ଥ, ଅଣ୍ଡା ମାଂସ ଆଦିକୁ ପ୍ରତ୍ୟେକ ଦିନ ଡାଏଟ୍‌ରେ ସାମିଲ କରନ୍ତୁ । ଏହାଦ୍ୱାରା ଶରୀରରେ ପ୍ରୋଟିନର ଅଭାବ ରହିବ ନାହିଁ ।

♦ ସୁସ୍ଥ ପ୍ରେଗନେନ୍ସି ପାଇଁ ଆଇରନ ଜାତୀୟ ଭୋଜନର ଆବଶ୍ୟକତା ରହିଛି । ସେଥିପାଇଁ ସବୁଜ ପନିପରିବା, ଶାଗ, ଡାଲିମ୍ବ, ଲିଚୁ, କିସମିସ୍ ଇତ୍ୟାଦି ପ୍ରତିଦିନ ଖାଇବା ଉଚିତ୍ । ଏହା ବ୍ୟତୀତ ଭିଟାମିନ୍-ସିର ପ୍ରୟୋଗ କରିବା ଜରୁରୀ । ଏଥିରୁ ଶରୀରକୁ ଅ । ଇ ର ନ ମିଳିଥାଏ ।

♦ ଶରୀରରେ ଆବଶ୍ୟକ ଶକ୍ତି ଓ ଫାଇବର୍ସର ଅଭାବକୁ ପୁରଣ କରିବା ପାଇଁ କାର୍ବୋହାଇଡ୍ରେଟଯୁକ୍ତ ଭୋଜନ କରିବା ଆବଶ୍ୟକ । ଶସ୍ୟ, ଫଳ, ସାଲାଡ ପରି ଖାଦ୍ୟ କୁ ଡାଏଟରେ ସାମିଲ କରନ୍ତୁ । ଏହା ବ୍ୟତୀତ ଚୋପା ଲାଗିଥିବା ମୁଗ ଡାଲି ଏ ସମୟରେ ଲାଭକାରୀ ହୋଇଥାଏ ।

♦ ତେଲ ଛଣା ଖାଦ୍ୟର ମାତ୍ରା କମ୍ ରହିବା ଉଚିତ୍ । ଫ୍ୟାଟି ଏସିଡ ଭ୍ରୁଣର ମାନସିକ ବିକାଶ ପାଇଁ ମାନସିକ ବିକାଶ ପାଇଁ ଅତ୍ୟନ୍ତ ଆବଶ୍ୟକ ।

♦ ଗର୍ଭରେ ଥିବା ଶିଶୁର ହାଡ ଦାନ୍ତର ବିକାଶ ପାଇଁ କ୍ୟାଲସିୟମର ମାତ୍ରା ଅଧିକ ହେବା ଆବଶ୍ୟକ । ଏହା ଆପଣଙ୍କୁ ପିଠି ଓ ଅଣ୍ଟା ଯନ୍ତ୍ରଣାରୁ ମଧ୍ୟ ମୁକ୍ତ ଦେବ । ସେଥିପାଇଁ କ୍ଷୀର ଓ କ୍ଷୀର ଜାତୀୟ ଦ୍ରବ୍ୟ ସବୁଜ ପନିପରିବା, ପାଳଙ୍ଗ, ଚିନାବାଦାମ ଆଦିକୁ ଡାଏଟ୍‌ରେ ସାମିଲ କରନ୍ତୁ ।

♦ ଖାଦ୍ୟ ଖାଇବା ବ୍ୟତୀତ ପାଣି ଭରପୂର ମାତ୍ରାରେ ପିଇବା

କୋକେନ୍ ନିଶା ଦୂର କରିବ ବ୍ୟାୟାମ

ବ୍ୟବହାରିକ ଓ ମାନସିକ ପ୍ରତିକ୍ରିୟାରେ ପରିବର୍ତ୍ତନ ପରିଲକ୍ଷିତ ହୋଇଛି । ୟୁବି ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ ଅନ ଆଡିକ୍ସନସ ଆଣ୍ଡ ଡିପାର୍ଟମେଣ୍ଟ ଅଫ୍ ଫାର୍ମାକୋଲୋଜି ଆଣ୍ଡ ଟକ୍ସିକୋଲେଜିର ବରିଷ୍ଠ ବୈଜ୍ଞାନିକ ଥାନୋସ ଏହି ଅଧ୍ୟନର ନେତୃତ୍ୱ ନେଇଥିଲେ । ବ୍ୟୟାମ କିପରି ମସ୍ତିଷ୍କର ମେସୋଲିମ୍ବିକ୍ ଡୋପାମାଇନ ମାର୍ଗକୁ ପରିବର୍ତ୍ତନ

ଚିନ୍ତା, ମାନସିକ ଚାପ, ନକାରାତ୍ମକ ଭାବନା ଓ ଜୀବନ ପ୍ରତି ବିତୃଷ୍ଣା ଭାବ ଆଦି ଅନେକ କାରଣରୁ କିଛି ଲୋକେ କୋକେନ ନିଶାରେ ପଡ଼ିଯାଆନ୍ତି । କିନ୍ତୁ ନିୟମିତ ଏରୋବିକ୍ କରିବା ଦ୍ୱାରା ମାନସିକ ଚାପଜନିତ କୋକେନ ନିଶା ହ୍ରାସ ପାଏ । ଏ ନେଇ ପଶୁଙ୍କ ଉପରେ ଅଧ୍ୟନ କରାଯାଇଛି । ଚାପଜନିତ ବ୍ୟବହାରିକ ଓ ମାନସିକ ପ୍ରତିକ୍ରିୟାରେ ମଧ୍ୟ ବ୍ୟାୟାମ ପରିବର୍ତ୍ତନ ଆଣେ । କୋକେନ ନିଶାରେ କବଳିତ ବ୍ୟକ୍ତିଙ୍କଠାରେ ଚାପଜନିତ ସ୍ନାୟବିକ, କରିପାରେ, ଯାହା କୋକେନ ଭଳି ଔଷଧର ଗୁଣ ସହ ସଂଶ୍ଳିଷ୍ଟ ସଦ୍ୟ ଅଧ୍ୟନରେ ତାହା ଦର୍ଶାଯାଇଛି । ଏଥିସହ ବ୍ୟାୟାମ ଚାପ ହରମୋନକୁ ହ୍ରାସ କରିବା ସହିତ ମନ ଭଲ ରଖେ । ଉଦବେଗ ଓ ନକାରାତ୍ମକ ଭାବନା ଦୂରୀକରଣ ସହ ଏହାର ସମ୍ପର୍କ ରହିଥିବା ବିହେଭିଓରାଲ ବ୍ରେନ ରିସର୍ଚ୍ଚ ପତ୍ରିକାରେ ଅଧ୍ୟୟନଟି ପ୍ରକାଶ ପାଇଛି।

ଦିନ ବେଳା ଶୁଅନ୍ତୁ ନାହିଁ

ଗବେଷକଗଣ ବିଭିନ୍ନ ବର୍ଗର ଓ ପ୍ରାନ୍ତର ୩ଲକ୍ଷ ବ୍ୟକ୍ତିଙ୍କୁ ନେଇ ୨ବର୍ଷ ଗବେଷଣା କରିବା ପରେ ଏକ ଜରୁରୀ ତଥ୍ୟ ପ୍ରକାଶ କରିଛନ୍ତି । ସେମାନଙ୍କ ତଥ୍ୟରୁ ପ୍ରକାଶିତ ଯେ ଦିନବେଳା ଲୋକେ ଶୋଇବା ସ୍ୱାସ୍ଥ୍ୟ ପାଇଁ ସମ୍ପୂର୍ଣ୍ଣ କ୍ଷତିକାରକ । ଯଦିଓ ବୟସ୍କ ଲୋକଙ୍କୁ ଥକାପଣ ଲାଗୁଛି କିମ୍ବା ନିଦ ଦିନେବେଳା ଅଧିକ ଲାଗୁଛି, ତେବେ ସେମାନେ ପୁସ୍ତକ ପଢ଼ିବା ଉଚିତ ନଚେତ ଅନ୍ୟ କୌଣସି କାମରେ ନିଜକୁ ବ୍ୟସ୍ତ ରଖିବା ଆବଶ୍ୟକ । କାରଣ ଦିନବେଳା ଶୋଉଥିବା ବ୍ୟକ୍ତିଙ୍କୁ ମଧୁମେହ ଆକ୍ରାନ୍ତ ହେବାର ସମ୍ଭାବନା ସର୍ବାଧିକ ।

ନିରୋଗ ଶରୀର ଓ ପ୍ରସନ୍ନ ମନ ପାଇଁ ପ୍ରାର୍ଥନା

ସମସ୍ତେ ଚାହାନ୍ତି ଅନେକ ଦିନ ବଞ୍ଚିରହିବାକୁ । କେବଳ ବଞ୍ଚିବାକୁ ନୁହେଁ, ସୁସ୍ଥ ଦେହ ଓ ସୁସ୍ଥ ମନରେ ବଞ୍ଚିବାକୁ । ସେଥିପାଇଁ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଗୋଟିଏ ସଂକ୍ଷିପ୍ତ ପ୍ରାର୍ଥନାରେ କୁହାଯାଇଛି - ଅରୋଗେ ମରଣଂ ଶତେ ମନସି ପ୍ରସନ୍ନଂ ସଦା । ।

ଅର୍ଥାତ୍, ହେ ପ୍ରଭୁ! ଏହି ଜନ୍ମରେ ଆପଣଙ୍କ ପାଖରେ ମୋର ଏତିକି ମାଗୁଣି ଯେ ମୁଁ ଶହେବର୍ଷ ପର୍ଯ୍ୟନ୍ତ ବଞ୍ଚିବି, ମୋର ମନ ସବୁବେଳେ ପ୍ରସନ୍ନ ରହିବ ଏବଂ ବିନା ବ୍ୟାଧିରେ ଶହେବର୍ଷ ବିତାଇବା ପରେ ମୋର ମରଣ ହେବ । ଏହି ପ୍ରାର୍ଥନାରେ ସବୁକିଛି ସୂଚନାତ୍ମକ ଭାବରେ କୁହାଯାଇଛି । ମନୁଷ୍ୟ ସମାଜରେ ସାଧାରଣତଃ ତିନିଟି କାରଣରୁ ବ୍ୟାଧି ବା ବିପତ୍ତି ଦେଖାଯାଇଥାଏ ।

୧. ଆଧିଦୈବିକ, ୨. ଆଧିଭୌତିକ ଓ ୩. ଆଧ୍ୟାତ୍ମିକ । 'ଆଧିଦେହବିକ' ହେଉଛି ବାତ୍ୟା, ବନ୍ୟା ଓ ଭୂମିକମ୍ପ ଆଦି ବିପତ୍ତି- ଯାହା ଆମର ଆୟତ୍ତାଧୀନ ନୁହେଁ, ଦୈବର ଅଧୀନ । ତେଣୁ ସେଥିରୁ ରକ୍ଷା ପାଇବା ପାଇଁ ପ୍ରଭୁଙ୍କୁ ପ୍ରାର୍ଥନା କରାଯାଏ । 'ଆଧିଭୌତିକ' ହେଉଛି ପଞ୍ଚଭୂତରୁ ଜାତ ବିପତ୍ତି । ଆମର ଶରୀର ପଞ୍ଚଭୂତରୁ ସୃଷ୍ଟି । ଆମର ଏହି ଶରୀର ବଧ୍ୟ ବ୍ୟାଧିର ଘର । ପଞ୍ଚଭୂତରୁ ସୃଷ୍ଟି ଅନ୍ୟ ଜୀବଜନ୍ତୁଙ୍କଠାରୁ ମଧ୍ୟ ଆମର ବିପତ୍ତି ଥାଏ ତେଣୁ ସେଥିରୁ ଉଦ୍ଧାର ପାଇବାପାଇଁ ପ୍ରଭୁଙ୍କୁ ପ୍ର

ବିଶ୍ୱବିଦ୍ୟାଳୟ ସ୍ୱାୟତତା ସୁରକ୍ଷା ପାଇଁ ବିଶାଳ ୱେବିନାର

ଭୁବନେଶ୍ୱର,୦୬।୧୦ (ନି.ପ୍ର): ବିଶ୍ୱବିଦ୍ୟାଳୟ ସ୍ୱାୟତତା ହରଣ ପାଇଁ ଉଦ୍ଦିଷ୍ଟ ଓଡିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅ୍ୟାଦେଶ ୨୦୨୦କୁ ତୁରନ୍ତ ପ୍ରତ୍ୟାହାର କରିବା ତଥା ବିଶ୍ୱବିଦ୍ୟାଳୟ ସ୍ୱାୟତତା ସୁରକ୍ଷା ଦାବିରେ ଆଜି କମିଟି 'ର ପ୍ରୋଟେକ୍ସନ ଅଫ୍ ୟୁନିଭରସିଟି ଅଟୋନମି ତରଫରୁ ଏକ ବିଶାଳ ଅନଲାଇନ ୱେବିନାର ଅନୁଷ୍ଠିତ ହୋଇଯାଇଛି । କମିଟି ଫର ପ୍ରୋଟେକ୍ସନ ଅଫ ୟୁନିଭରସିଟି ଅଟୋନମିର ଆବାହକ ପ୍ରଫେସର ସ୍ୱାଧୀନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ୱେବିନାରରେ ପରିଚାଳନା କରିଥିଲେ କମିଟିର ସଭ୍ୟ ତଥା ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ବୀରେନ୍ଦ୍ର ନାୟକ । ଏଥିରେ ରାଜ୍ୟ, ଦେଶ ତଥା ଦେଶ ବାହାରୁ ବହୁ ବିଶିଷ୍ଟ ବୁଦ୍ଧିଜୀବୀ, କୁଳପତି, ସାମାଜିକ କର୍ମୀ, ବୈଜ୍ଞାନିକ, ଛାତ୍ରନେତା ଅଂଶ ଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ବିନାୟକ ରଥ, ରେଭେନ୍ସା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ବୈଷ୍ଣବ ଚରଣ ତ୍ରିପାଠୀ, ଫକୀରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଶିବପ୍ରସାଦ ଅଧିକାରୀ, ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ତଥା ଡୁଟାର ପୂର୍ବତନ ସଭାପତି ପ୍ରଫେସର ଆଦିତ୍ୟ ମିଶ୍ର, ଇଂଲଣ୍ଡର ପ୍ରଫେସର ଜଦୁନନ୍ଦନ ଦାସ, ଗୁଜରାଟ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର କହ୍ନୁଭାଇ ଖାଦଡିଆ, କନ୍ନଡ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଚନ୍ଦ୍ର ପୁଝାରୀ, ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ପେମାନନ୍ଦ ପଣ୍ଡା, ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଲମ୍ବୋଦର ପ୍ରସାଦ ସିଂହ, ଆରଏନଆଇଏସଇର ପୂର୍ବତନ ଅ୍ନକ୍ଷ ପ୍ରଫେସର ସୁରେନ୍ଦ୍ର ମୋହନ ପାଣି, ସାମାଜିକ ବିଜ୍ଞାନର ପ୍ରଫେସର ପ୍ରଣୟ ସ୍ୱାଇଁ, ଆସୋସିଏଟ ପ୍ରଫେସର ଅମରେନ୍ଦ୍ର ଦାସ, ବିଶିଷ୍ଟ ସାମାଜିକ କର୍ମୀ ଚିତରଂଜନ ମହାନ୍ତି, ସମଦୃଷ୍ଟିର ସମ୍ପାଦକ ସୁଧିର ପଟ୍ଟନାୟକ, କମିଟିର ଯୁଗ୍ମ ଆବାହକ ସୁବାସ ନାୟକ, ଛାତ୍ରନେତା ଗଣେଶ ତ୍ରିପାଠୀ, ସୋମନାଥ ବେହେରା, ସିଦ୍ଧାର୍ଥ ରଥ, ବବି ବଳବନ୍ତରାୟ, ଜୟନ୍ତ ମହାନ୍ତି, ଶିବାନୀ ମିଶ୍ର, ନସିମ ସରକାର, ଭାଗ୍ୟରବି ଦାସ, ମଧୁସ୍ମିତା ସାହୁ, କ୍ରିଷ୍ଣାରାଣୀ ସାହୁ, ନିରୁପମା ବେହେରା, ରେଖା ଦଣ୍ଡପାଟ, ପରମାନନ୍ଦ ସାହୁ ଓ ସୁନିଲ ଭୋଇ ପ୍ରମୁଖ ଆଜିର ୱେବିନାର ଯୋଗଦେଇ ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧ୍ୟାଦେଶ ୨୦୨୦କୁ ବାତିଲ କରି ବିଶ୍ୱବିଦ୍ୟାଳୟ ସ୍ୱାୟତତାକୁ ରକ୍ଷା କରିବାକୁ ଦାବୀ କରିଥିଲେ ଏବଂ କରୋନା ପରିସ୍ଥିତିର ସୁଯୋଗ ନେଇ ଉକ୍ତ ଅ୍ନାଦେଶ ଲାଗୁ କରାଯାଇ ବିଶ୍ୱବିଦ୍ୟାଳୟର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ସିନେଟକୁ ଉଚ୍ଛେଦ କରାଯିବା ସହ କୁଳପତି ଚୟନ, ସିଣ୍ଡିକେଟର କାର୍ଯ୍ୟଧାରା, ଅ୍ନାପକ ନିଯୁକ୍ତି ଉପରେ ସରକାରୀ ନିୟନ୍ତ୍ରଣ ପ୍ରତିଷ୍ଠା କରାଯାଇଛି ବୋଲି ବକ୍ତାମାନେ ଦର୍ଶାଇଥିଲେ । ପୂର୍ବରୁ ବିଶ୍ୱବିଦ୍ୟାଳୟଗୁଡିକରେ ଯେତିକି ବି ଅଟୋନମି ଥିଲା ତାହାକୁ ହରଣ କରାଯିବା ସହ ବିଶ୍ୱବିଦ୍ୟାଳୟ ଧାରଣାକୁ ଧ୍ୱଂସ କରାଯାଇଛି । ସରକାରୀ ଦଳର ବଶମ୍ବଦମାନଙ୍କୁ ବିଶ୍ୱବିଦ୍ୟାଳୟରେ ନିଯୁକ୍ତି ଦେବା ପାଇଁ ଓ.ପି.ଏସ.ଏସି. ଜରିଆରେ ଅଧ୍ୟାପକ ନିଯୁକ୍ତି ଏବଂ କୁଳପତି ଚୟନ କମିଟିରେ ସରକାରୀ ପ୍ରତିନିଧିମାନଙ୍କୁ ସ୍ଥାନ ଦେବା ପାଇଁ ଉକ୍ତ ଅ୍ନାଦେଶରେ କୁହାଯାଇଛି । ରେଭେନ୍ସା ଏକକ ବିଶ୍ୱବିଦ୍ୟାଳୟ ଆଇନ ୨୦୦୫ ପ୍ରତ୍ୟାହାରକୁ ମଧ୍ୟ ବକ୍ତାମାନେ ବିରୋଧ କରିଥିଲେ । ଏହି ବିଶାଳ ୱେବିନାର ସିଧାପ୍ରସାରଣରେ ରାଜ୍ୟର ହଜାର ହଜାର ଛାତ୍ର, ଯୁବକ, ବୁଦ୍ଧିଜୀବୀ, ଶିକ୍ଷକ, ଅଧ୍ୟାପକ, ସାମାଜିକ କର୍ମୀ, ସଚେତନ ନାଗରିକ ଯୋଡିହୋଇଥିଲେ ଏବଂ ସମସ୍ତେ ଏକ ସ୍ୱରରେ ଦାବୀ କରିଥିଲେ ରାଜ୍ୟର ଉଚ୍ଚ ଶିକ୍ଷା, ବିଶେଷକରି ବିଶ୍ୱବିଦ୍ୟାଳୟ ଶିକ୍ଷାକୁ ସୁରକ୍ଷିତ କରିବା ପାଇଁ ଏହି କଳା ଆଇନ ତୁରନ୍ତ ବାତିଲ କରି ବିଶ୍ୱବିଦ୍ୟାଳୟ ସ୍ୱାୟତତା ରକ୍ଷା କରନ୍ତୁ ।

ହାଥରସ୍ ଘଟଣାରେ ପିସିସି ଅନୁସୂଚିତ ଜାତି ବିଭାଗ ପକ୍ଷରୁ ବିକ୍ଷୋଭ

ଭୁବନେଶ୍ୱର,୦୬।୧୦ (ନି.ପ୍ର): ଉତର ପ୍ରଦେଶ ହାଥରସ୍ ଗ୍ରାମର ପୀଡିତାକୁ ନ୍ୟାୟ ଏବଂ ଯୋଗୀ ଆଦିତ୍ୟନାଥ ସରକାରଙ୍କୁ ବରଖାସ୍ତ ଦାବିରେ ଓଡିଶା ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ସୋମବାର ଭୁବନେଶ୍ୱର ମାଷ୍ଟରକ୍ୟାଂଟିନ୍ ଛକ ଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଗାନ୍ଧିଜୀ ଓ ଡ. ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତି ତଳେ ନୀରବ ପ୍ରତିବାଦ ଧାରଣା ପରେ ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ତରଫରୁ କଂଗ୍ରେସ ଭବନରୁ ଏକ ଶୋଭାଯାତ୍ରା । ବାହାରି ମାଷ୍ଟରକ୍ୟାଂଟିନ୍ ଛକ ଠାରେ ପହଂଚି ବିକ୍ଷୋଭ କରାଯାଇଥିଲା । ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଉତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ କୁଶପୁତଳିକା ଦାହ କରାଯାଇଥିଲା । ଯୋଗୀ ଆଦିତ୍ୟନାଥ ସରକାରଙ୍କ ପୋଲିସ ବିଭାଗ ମୃତକ ପରିବାରକୁ ବନ୍ଦୀ ବନାଇ ସଂପୃକ୍ତ ବାଳିକାଙ୍କ ମୃତ ଦେହକୁ ତରବରିଆ ଭାବେ ପୋଡିଦେବା ସହ ଭାରତୀୟ ଜାତୀୟ କଂଗ୍ରେସର ନେତା ରାହୁଲ ଗାନ୍ଧୀ ଏବଂ ପ୍ରିୟଙ୍କା ଗାନ୍ଧୀଙ୍କୁ ତାଙ୍କ ପରିବାରକୁ ଭେଟିବା ପାଇଁ ନଦେବା ଘଟଣାକୁ କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗ ନିନ୍ଦା କରିଛି । ଘଟଣାରେ ସଂପୃକ୍ତ ଦୋଷୀମାନଙ୍କୁ ଦଣ୍ଡ ଦେବା ପାଇଁ ଆନ୍ତରିକତା ଦେଖାଉନଥିବା ଯୋଗୀ ଆଦିତ୍ୟନାଥ ସରକାରଙ୍କୁ ବରଖାସ୍ତ କରିବାକୁ ଦାବି କରାଯାଇଛି । ଏହି କାର୍ଯ୍ୟକ୍ରମରେ ବିଧାୟକ ସୁରେଶ କୁମାର ରାଉତରାୟ, ହଳଧର ସେଠୀ, ଶିବାନନ୍ଦ ରାୟ, ଶୁଭେନ୍ଦୁ ମହାନ୍ତି, ରଶ୍ମି ମହାପାତ୍ର, ପଦ୍ମାକର ଗୁରୁଙ୍କ ସମେତ ବହୁ ସଂଖ୍ୟାରେ କଂଗ୍ରେସ ନେତା ଓ କର୍ମୀ ଅଂଶଗ୍ରହଣ କରିଥିଲେ ।

ଦଳିତ କନ୍ୟା ମନୀଷା ଗଣଧର୍ଷଣ ଓ ହତ୍ୟା ଘଟଣାର ଅଭିଯୁକ୍ତଙ୍କୁ ଗିରଫ ଦାବୀରେ କ୍ୟାଣ୍ଡେଲ ଶୋଭାଯାତ୍ରା

ଭଦ୍ରକ,୬।୧୦(ହି.ସ): ଉତ୍ତରପ୍ରଦେଶର ହାଥରସ୍ ଠାରେ ଦଳିତ କନ୍ୟା ମନୀଷାଙ୍କୁ ଗଣଧର୍ଷଣ ଓ ହତ୍ୟା କରାଯିବା ଘଟଣାର ଅଭିଯୁକ୍ତଙ୍କୁ ଫାଶିଦଣ୍ଡ ଦେବା ଦାବୀରେ ଆଜି ଭଦ୍ରକ ଜିଲ୍ଲା ଦଳିତ ମହାସଂଘ ଏବଂ ଭଦ୍ରକ ସମନ୍ୱୟ ସମିତି ସଂଗଠନ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହେବା ଯୋଗୀ ସରକାରଙ୍କ ଇସ୍ତଫା ଦାବୀ କରାଯାଇଛି । ଦଳିତ ମହାସଂଘ ସଭାପତି ରାଜେନ୍ଦ୍ର ଜେନା ଏବଂ ସମନ୍ୱୟ ସମିତି ସଂଘ ନେତା ଅତୁଲ୍ୟ ନାୟକଙ୍କ ନେତୃତ୍ୱରେ ଶତାଧିକ ଯୁବକ ସ୍ଥାନୀୟ ତାରିଣୀ ମନ୍ଦିର ପରିସରରୁ ଏକ ବିରାଟ

କ୍ୟାଣ୍ଡେଲ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲେ । ଶୋଭାଯାତ୍ରା ବେଳେ ଯୁବକମାନେ ଯୋଗୀ ସରକାରଙ୍କ ଇସ୍ତଫା ଦାବୀ କରିବା ସହ ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରିବାକୁ ଦାବୀ କରାଯାଇଥିଲା । ସେହିପରି ଦିନକୁ ଦିନ ଦଳିତମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ବିରୋଧ କରାଯାଇଥିଲା । ଆୟୋଜିତ ଏହି କ୍ୟାଣ୍ଡେଲ ଶୋଭାଯାତ୍ରାରେ ଦଳିତ ନେତା ଅଗଣି ଜେନା, ରାଜୀବ ନାୟକ, ବବି ଇସ୍‌ଲାମ୍, ଦୟାନିଧି ମହାପାତ୍ର, ସଦିଦ ଖାନ୍, ରିଙ୍କୁ ଖାଁ, ତନ୍‌ବୀର ଖାଁ, ଦେବ ନାରାୟଣ ପ୍ରମୁଖ ଯୋଗ ଦେଇଥିଲେ ।

ଗଣଶିକ୍ଷାମନ୍ତ୍ରୀଙ୍କ ବିରୁଦ୍ଧରେ ଥାନାରେ ଏତଲା

ପୁରୀ,୦୬।୧୦ (ନି.ପ୍ର): କରୋନା ସଂକ୍ରମଣ ଆଇନ୍‌କୁ ଉଲଂଘନ କରିଥିବା ଦର୍ଶାଇ ଗଣଶିକ୍ଷାମନ୍ତ୍ରୀ ସମୀରରଞ୍ଜନ ଦାଶ ଓ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ବିରୁଦ୍ଧରେ ସଚେତନ ନାଗରିକ ମଞ୍ଚପକ୍ଷରୁ ସମୁଦ୍ର କୂଳ ଥାନାରେ ଲିଖିତ ଅଭିଯୋଗ କରାଯାଇଛି । ମଞ୍ଚର ଅବାହକ ପ୍ରିୟଦର୍ଶନ ପଟ୍ଟନାୟକ ସମୁଦ୍ର କୂଳ ଥାନାରେ କରିଥିବା ଲିଖିତ ଅଭିଯୋଗରେ ଦର୍ଶାଇଛନ୍ତିଯେ, ଗତକାଲି ସ୍ୱର୍ଗଦ୍ୱାର ଠାରେ ପୂର୍ବତନ ମନ୍ତ୍ରୀ ତଥା ପିପିଲି ବିଧାୟକ ପ୍ରଦୀପ ମହାରଥୀଙ୍କ ଶବ ସତ୍କାର ସମୟରେ କ୍ଷମତାର ଦୁରପୋଯୋଗ କରି ମନ୍ତ୍ରୀ ଶ୍ରୀଦାଶ ଓ ବିଧାୟକ ସାମନ୍ତରାୟ ଉପସ୍ଥିତଥିଲେ । ତେଣୁ ସେମାନଙ୍କ ବିରୁଦ୍ଧରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ପାଇଁ ସେ ତାଙ୍କ ଅଭିଯୋଗ ପତ୍ରରେ ଦଶାଇଛନ୍ତି ।

ଖୋର୍ଦ୍ଧା ସହରରେ ପଶିଲେ ଦୁଇ ଦନ୍ତା ହାତୀ : ନଷ୍ଟ ହେଉଛି ଜଙ୍ଗଲ, ଖାଦ୍ୟ ଅନ୍ୱେଷଣରେ ଜଙ୍ଗଲି ଜନ୍ତୁ ସହରାଭିମୁଖୀ

ଖୋର୍ଦ୍ଧା,୦୬।୧୦ (ନି.ପ୍ର): ଖୋର୍ଦ୍ଧା ସହରରେ ଦ୍ୱିତୀୟ ଥର ଜଙ୍ଗଲି ହାତୀ ପ୍ରବେଶ କରିଛି । ସହରରେ ହାତୀ ପ୍ରବେଶ କରିବା ଫଳରେ ସାଧାରଣ ଲୋକଙ୍କ ମଧ୍ୟରେ ଭୟ ଓ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଚକ୍ଷୁ ବିଭାଗ ନିକଟରେ । ଦୁଇଟି ହାତୀ ଏଠାରେ ଘୁରି ବୁଲୁଥିବାର ଦୃଶ୍ୟ ଦେଖି ଡାକ୍ତରଖାନା କର୍ମଚାରୀଙ୍କ ସମେତ ରୋଗିଙ୍କ ସମ୍ପର୍କୀୟମାନେ ଭୟଭିତ ହୋଇ ପଡିଛନ୍ତି । ତେବେ ସହର ମଧ୍ୟରେ ହାତୀ ପ୍ରବେଶ କରିବା ନେଇ ଚିକିତ୍ସାଳୟ କର୍ମଚାରୀ ଓ ରୋଗୀଙ୍କ ସମ୍ପର୍କୀୟମାନେ ପ୍ରଥମେ ଖୋର୍ଦ୍ଧା ପୁଲିସ ଓ ବନ ବିଭାଗକୁ ଖବର ଦେଇଥିଲେ । ଖବର ପାଇ ବନ ବିଭାଗ ଓ ଖୋର୍ଦ୍ଧା ପୁଲିସ ଘଟଣାସ୍ଥଳରେ ପଂହଚି ହାତୀଙ୍କୁ ସହର ମଧ୍ୟରୁ ହଟାଇବା ପାଇଁ ଚେଷ୍ଟା କରିଥିଲେ । କିନ୍ତୁ ହାତୀ ଦ୍ୱୟ ହଟିବା ପରିବର୍ତେ ଚିକିତ୍ସାଳୟ ପରିସରରେ ଥିବା ଔଷଧ ବଗିଚା ପରିସରରେ ଲୁଚି ରହିଲେ । ବନ ବିଭାଗ ଓ ପୁଲିସ କର୍ମଚାରୀମାନେ ସାଧାରଣ ଲୋକଙ୍କ ଜୀବନ ରକ୍ଷା କରିବା ନେଇ ବହୁ ଚେଷ୍ଟା କରିବା ପରେ ଦନ୍ତା ହାତୀ ଦ୍ୱୟ ଖୋର୍ଦ୍ଧା ଉପକଣ୍ଠ ଜରିପୁଟ ଜଙ୍ଗଲକୁ ଚାଲିଯାଇଥିବା ସୂଚନା ମିଳିଛି । ଏପରିକି ଜରିପୁଟ ପରେ ଏବେ ବାଟବଣା ଦୁଇ ଦନ୍ତା କାଇପଦର ଜଙ୍ଗଲରେ ଥିବା ଅନ୍ୟ ୨୫ଟିକିଆ ହାତୀ ପଲ୍ଲଙ୍କ ସହିତ ମିଶିଛନ୍ତି । ତେବେ ଖୋର୍ଦ୍ଧା ସହରରେ ହାତୀ ପଲ୍ଲ ପଶିବା ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଗଲାଣି । ସୂଚନାଯୋଗ୍ୟ, ଗତ ୨୦୧୫ ମସିହାରେ ଏକ ହାତୀ ପଲ୍ଲ ଚନ୍ଦକାରୁ ଆସି ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟ ତରତୁଆ ଓ ମୁଖ୍ୟ ଡାକ୍ତରଖାନା ମଧ୍ୟବର୍ତୀ ଅଂଚଳରେ ପଶିଥିଲେ । ତେବେ ଜିଲାରେ ଦ୍ରୁତ ଗତିରେ ଜଙ୍ଗଲ ଓ ଚାଷ ଜମିରେ ବିରାଟକାୟ କୋଠା ନିର୍ମାଣ ହେବାରୁ ଜଙ୍ଗଲ ନଷ୍ଟ ହେଉଛି । ଫଳରେ ଜିଲାରେ ଥିବା ଏକମାତ୍ର ଚନ୍ଦକା ଜଙ୍ଗଲକୁ ଚେରା କାଠ ମାଫିଆମାନେ କାଠ ଚୋରି କରି ନେବାରୁ ଜଙ୍ଗଲ ଏକ ପ୍ରକାର ଧ୍ୱଂସାବସ୍ଥଳୀରେ ପରିଣତ ହେବାକୁ ବସିଲାଣି । ଜଙ୍ଗଲ ଧ୍ୱଂସ ହେବା ଦ୍ୱାରା ଜିଲାରେ ଥିବା ଏକମାତ୍ର ଚନ୍ଦକା ବନ୍ୟପ୍ରାଣୀ ଜଙ୍ଗଲରେ ଖାଦ୍ୟ ଅଭାବ ଦେଖା ଦେଇଥିବାରୁ ଏବେ ବନ୍ୟନନ୍ତୁଙ୍କ ଖାଦ୍ୟାଭାବ ହେଲାଣି । ଫଳରେ ଖାଦ୍ୟ ଅନ୍ୱେଷଣରେ ଜଙ୍ଗଲି ଜନ୍ତୁମାନେ ନିକଟସ୍ଥ ଗାଁ ତଥା ସହରକୁ ଖାଦ୍ୟ ଅନ୍ୱଷଣରେ ସହଜରେ ସହରାଭିମୁଖ ହେଉଛନ୍ତି । ତେଣୁ ଜଙ୍ଗଲି ଜନ୍ତୁଙ୍କ ସୁରକ୍ଷା ନେଇ ସରକାର ତଥା ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି । ଏପରିକି ଜଙ୍ଗଲି ଜନ୍ତୁଙ୍କ ସୁରକ୍ଷା ନେଇ ରାଜ୍ୟ କିମ୍ବା ଜିଲା ପ୍ରଶାସନ ଦୃଷ୍ଟି ଦେଲେ ନିରିହ ଜୀବ କିମ୍ବା ସାଧାରଣ ଲୋକଙ୍କ ଜୀବନ ବଂଚି ରହିବା ସହିତ ଜଙ୍ଗଲି ଜନ୍ତୁଙ୍କ ବଂଶ ରକ୍ଷା ହୋଇପରିବ ବୋଲି ବୁଦ୍ଧିଜିବୀ ମହଲରେ ମତ ପ୍ରକାଶ ପାଇଛି । ପ୍ରଶାସନ ସମେତ ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଦୃଢ଼ ଦାବୀ ହେଉଛି । ଏନେଇ ଜିଲା ବନଖଣ୍ଡ ଅଧିକାର ସମ୍ୟେକ ସାମନ୍ତରାୟ କୁହନ୍ତି, ଚନ୍ଦକା ଜଙ୍ଗଲରୁ ଆସିଥିବା ୨୭ ହାତୀ ପଲ୍ଲଙ୍କ ମଧ୍ୟରୁ ଦୁଇଟି ଦନ୍ତା ହାତୀ ବାଟବଣା ହୋଇ ଖୋର୍ଦ୍ଧା ସହରର ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଔଷଧ ବଗିଚା ମଧ୍ୟରେ ରହିଯାଇଥିଲେ । ହେଲେ ଆମେ ଚିକିତ୍ସାଳୟର କର୍ମଚାରୀ ଓ ପୁଲିସ ବିଭାଗ କର୍ମଚାରୀଙ୍କ ଠାରୁ ଖବର ପାଇ ଦୁଇ ଦନ୍ତାଙ୍କୁ ସହର ମଧ୍ୟରୁ ବାହାର କରିଦେଇଛୁ । ଏପରିକି ଦନ୍ତା ଦ୍ୱୟ ଜରିପୁଟ ଜଙ୍ଗଲ ଦେଇ ଏବେ କାଇପଦର ନିକଟ ଜଙ୍ଗଲରେ ହାତୀ ପଲ୍ଲଙ୍କ ସହିତ ମିଶିଛନ୍ତି । ତେଣୁ ଏମାନଙ୍କୁ ଚନ୍ଦକା ଜଙ୍ଗଲକୁ ଫେରାଇ ନେବା ପାଇଁ ଚେଷ୍ଟା କରୁଛୁ ।

ମନ୍ତ୍ରୀ ଓ ବିଧାୟକଙ୍କ ଗିରଫ ଦାବିକଲା ଜଗନ୍ନାଥ ସେନା, ସମୁଦ୍ରକୂଳ ଥାନାରେ ଏତଲା

ପୁରୀ, ୫ ଅକ୍ଟୋବର (ହି.ସ.)- ଗତକାଲି ପିପିଲି ବିଧାୟକ ପ୍ରଦୀପ ମହାରଥୀଙ୍କ ଶେଷକୃତ୍ୟ ସମ୍ପନ୍ନ ସମୟରେ ସ୍ୱର୍ଗଦ୍ୱାରଠାରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଉପସ୍ଥିତ ରହି ଗହଳି ମଧ୍ୟରେ ବୁଲିଥିଲେ । ଏହି ଦୁଇ ଜଣଙ୍କୁ କରୋନା ସଂକ୍ରମଣ ହୋଇଥିବା ଜାଣି ମଧ୍ୟ କିପରି ସ୍ୱର୍ଗଦ୍ୱାର ଅଂଚଳରେ ବୁଲାବୁଲି କଲେ ତାକୁ ନେଇ ସମୁଦ୍ରକୂଳ ଥାନାରେ ଜଗନ୍ନାଥ ସେନା ପକ୍ଷରୁ ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ଆଜି ଏକ ଏତଲା ଦେଇଛନ୍ତି । ଏତଲାରେ ସେ ଦର୍ଶାଇଛନ୍ତି, ରାଜ୍ୟ ସରକାର ଅନ୍ୟମାନଙ୍କୁ କରୋନା କଟକଣା ନମାନିଲେ ପିଟିବା ସହ ଜୋରିମାନା ଓ ଜେଲ ପଠାଉଥିବା ବେଳେ ନିଜେ ପ୍ରଶାସନ ଥାଇ କିପରି ଏହି ସୁପର ସ୍ୱେଡରମାନଙ୍କୁ ଅନୁମତି ଦେଲା ସେ ସମ୍ପର୍କରେ ତଦନ୍ତ କରି ଗିରଫ କରିବା ପାଇଁ ସେନା ଦାବି କରିଛି । ରଥଯାତ୍ରା ପୂର୍ବରୁ ମହାପ୍ରଭୁଙ୍କ ରଥଯାତ୍ରା କରିବା ପାଇଁ ଦାବି କରି ଆନ୍ଦୋଳନ କରୁଥିବା ବେଳେ କୋଭିଡ୍ ଆଇନ ଅନୁସାରେ ସେନାର କର୍ମୀଙ୍କୁ ଗିରଫ କରିଥିଲେ । ଏବେ ପ୍ରଶାସନ କ'ଣ ଦୁଇ ପ୍ରକାର ଆଇନ କରୁଛନ୍ତି ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ ।

ବିଜେଡ଼ିରେ ଯୋଗ ଦେଲେ ପୂର୍ବତନ ପିସିସି ସମ୍ପାଦକ ଓ ଶତାଧିକ କଂଗ୍ରେସ କର୍ମୀ

ଭୁବନେଶ୍ୱର,୦୬।୧୦ (ନି.ପ୍ର): ତିର୍ତୋଲ ନିର୍ବାଚନର କିଛି ଦିନ ପୂର୍ବରୁ ଦଳ ଛାଡ଼ିଲେ କଂଗ୍ରେସ ନେତା । କଂଗ୍ରେସର ୧୦ରୁ ଉର୍ଦ୍ଧ୍ୱ ନେତା ନିଜ ଶତାଧିକ ସମର୍ଥକଙ୍କ ସହ କଂଗ୍ରେସରୁ ଇସ୍ତଫା ଦେବା ସହ ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି । ପୂର୍ବତନ ପିସିସି ସେକ୍ରେଟାରୀ ତଥା ତୁଳଙ୍ଗ ଗ୍ରାମ ପଂଚାୟତ ଜିଲ୍ଲା ପରିଷଦ ମେମ୍ବର କୃଷ୍ଣଚନ୍ଦ୍ର ମଲ୍ଲିକ, ତିର୍ତୋଲ ବ୍ଲକ୍ ପୂର୍ବତନ ଚେୟାରମ୍ୟାନ ଏସ କେ ଅବଦୁଲ ଫୟଜ, ଜଗତସିଂହପୁର ଜିଲ୍ଲା ପରିଷଦ ସଭାପତି ପ୍ରିୟଦର୍ଶିନୀ ବିଶ୍ୱାଳ, ତିର୍ତୋଲ ବ୍ଲକ୍ ଚେୟାରମ୍ୟାନ ସୁଜାତା ମହାନ୍ତି, କନକପୁର ସରପଂଚ ନମିତା ରାଉଳ, ତୁଳଙ୍ଗ ପଂଚାୟତ ପୂର୍ବତନ ସରପଂଚ ରଶ୍ମି ରଂଜନ ଦାଶ, ପିସିସି କନଭେନର ଦେବେନ୍ଦ୍ର କୁମାର ମଲ୍ଲିକ, କଂଗ୍ରେସ ନେତ୍ରୀ ନିବେଦିତା ମହାନ୍ତି, ତୁଳଙ୍ଗ ଜୋନ ସଭାପତି ଧୀରେନ୍ଦ୍ର କୁମାର ପାତ୍ର, ଇବ୍ରୀସିଂ ଗ୍ରାମ ପଂଚାୟତ ସଭାପତି ସନ୍ତୋଷ ଦାସ, ତିର୍ତୋଲ ବ୍ଲକ୍ ସଭାପତି ଗଙ୍ଗାଧର ବିଶ୍ୱାଳ ଓ କଂଗ୍ରେସ ନେତା ଶେଖ ମହତାବ ଅଲ୍ଲିଙ୍କ ସହ ଶତାଧିକ କଂଗ୍ରେସ କର୍ମୀ ଆଜି ବିଜେଡ଼ିରେ ଯୋଗ ଦେଇଛନ୍ତି । କୃଷ୍ଣଚନ୍ଦ୍ର ମଲ୍ଲିକଙ୍କ ନେତୃତ୍ୱରେ ଅନ୍ୟ ନେତାମାନେ ବିଜେଡ଼ିରେ ଯୋଗ ଦେବା ସହ ତିର୍ତୋଲ ଉପ ନିର୍ବାଚନରେ ଦଳର ବିପୁଳ ବିଜୟ ହେବ ବୋଲି କହିଛନ୍ତି । ଏହି ମିଶ୍ରଣ କାର୍ଯ୍ୟକ୍ରମରେ ବିଜେଡ଼ି ନେତା ପ୍ରଣବ ପ୍ରକାଶ ଦାସ, ଅତନୁ ସବ୍ୟସାଚୀ ନାୟକ, ଦେବାଶିଷ ସାମନ୍ତରାୟ, ପ୍ରଶାନ୍ତ ମୁଦୁଲି, ଜନ୍ମେଜୟ ଲେଙ୍କା ଓ ସାଂସଦ ରାଜଶ୍ରୀ ମଲ୍ଲିକ ପ୍ରମ

ସମାଜ ସେବୀ ଭାସ୍କର ଚନ୍ଦ୍ର ପ୍ରଧାନ

ପ୍ରଦୀପ୍ତ କୁମାର ମହାନ୍ତି

ଏକାଦଶାହ ଉପଲକ୍ଷେ

ବାସୁଦେବପୁର ଯେଉଁ ବନ୍ଧୁ ଜଣଙ୍କ ସମସ୍ତଙ୍କୁ ସାହାଯ୍ୟ ଓ ସହଯୋଗ ଯୋଗାଇ ଦେଇ ଇଶ୍ୱରଙ୍କ ନିର୍ଦ୍ଦେଶରେ କାର୍ଯ୍ୟକରୁଥିଲେ ସେ ହେଉଛନ୍ତି ସମାଜସେବୀ ଭାସ୍କର ଚନ୍ଦ୍ର ପ୍ରଧାନ । ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକ ଅନ୍ତର୍ଗତ ସୁଦର୍ଶନପୁର ଗ୍ରାମ ପଞ୍ଚାୟତର ସେ ୧୯୪୧ ମସିହା ମାର୍ଚ୍ଚ ୬ ତାରିଖ ରେ ଜନ୍ମଗ୍ରହଣ କରିଥିଲେ । ସେ ଭାରତ ସରକାରଙ୍କର ମିଲିଟାରୀ ଚାକିରୀ କରିଥିଲେ ଓ ନର୍ସିଂ ବିଭାଗରେ ଥିଲେ । ଚାକିରୀରୁ ଅବସର ନେଇ ଜନସେବାରେ ବ୍ରତୀ ଥିଲେ ଶ୍ରୀ ପ୍ରଧାନ । ନାଏବ ସୁବେଦାର ଭାବରେ ମଧ୍ୟ କାର୍ଯ୍ୟ କରିଥିଲେ । ଅନେକ ଲୋକଙ୍କର ସେ ପ୍ରିୟ ପାତ୍ର ହୋଇଥିଲେ । ସେ ଶୁଦ୍ଧ ମିଷ୍ଟଭାଷୀ, ସରଳ, ଶାନ୍ତ ଶିଷ୍ଟ ଓ ସୁନ୍ଦର ବ୍ୟକ୍ତିତ୍ୱର ମଣିଷ ଥିଲେ । ୨୦୨୦ ମସିହା ସେପ୍ଟେମ୍ବର ୨୭ ତାରିଖରେ ତାଙ୍କର ପରଲୋକ ଘଟିଛି । ତାଙ୍କର ପରିବାର, ବନ୍ଧୁ ବାନ୍ଧବ ଆତ୍ମୀୟ ସ୍ୱଜନ ସମସ୍ତେ ଦୁଃଖରେ ମ୍ରିୟମାଣ ହୋଇପଡିଛନ୍ତି । ତାଙ୍କର ପରଲୋକରେ ଇଞ୍ଜିନିୟର ଅକ୍ଷୟ ସାମଲ, ଶକୁନ୍ତଳା ସାମଲ, ସତ୍ୟଜିତ ପ୍ରଧାନ, ରତିକାନ୍ତ ପ୍ରଧାନ, ଉମାମଣି ପ୍ରଧାନ, କାମିନୀକାନ୍ତ ବିଶ୍ୱାଳ, ବସନ୍ତ ପ୍ରଧାନ, ହେମନ୍ତ ପ୍ରଧାନ, ନାତୁଣୀ ରୁବି ଓ ରୋଜି ସମସ୍ତେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ବାଢିଛନ୍ତି । ଅନେକ ଦୁଃଖୀ ଓ ଗରିବ ମଣିଷଙ୍କୁ ସ୍ୱର୍ଗତ ପ୍ରଧାନ ସାହାଯ୍ୟ ସହଯୋଗ କରିଥିଲେ । ଯିଏ ଯେକୌଣସି କାମରେ ତାଙ୍କ ପାଖରେ ପହଞ୍ଚୁଥିଲା ସେ ସବୁ ପ୍ରକାର କାମ ଖୁବ ଶୀଘ୍ର କରିଦେଉଥିଲେ । କଳା ସାହିତ୍ୟ ଓ ସଂସ୍କୃତିକୁ ସେ ଖୁବ ଭଲ ପାଉଥିଲେ । ଅନେକ କବିତା, ଗଳ୍ପ ପୁସ୍ତକ ଓ ମହାପୁରୁଷଙ୍କ ଜୀବନୀ ସେ ପଢୁଥିଲେ ଓ ପିଲାମାନଙ୍କୁ ଧର୍ମଶାସ୍ତ୍ର ଓ ଆଧ୍ୟାତ୍ମିକ ତତ୍ତ୍ୱ ଉପରେ ବୁଝାଉଥିଲେ । ସମସ୍ତ କାର୍ଯ୍ୟ କରିବା ସହିତ ସେ ଜୀବଜନ୍ତୁ ଓ ଗଛଲତାଙ୍କୁ ଭଲ ପାଉଥିଲେ । ଅନେକ ସମୟରେ ସେ ବୃକ୍ଷରୋପଣ କରିବା ସହିତ ଦେଶସେବାର ବ୍ରତୀ ଥିଲେ । ସର୍ବଦା ସେ ଭଗବାନଙ୍କ ଉପରେ ବିଶ୍ୱାସ ଓ ଭରସା ରଖୁଥିଲେ । ଭଗବାନ ତାଙ୍କ ପରିବାରକୁ ସହାୟ ହୁଅନ୍ତୁ । ତାଙ୍କର ଅମରଆତ୍ମାର ସଦଗତି ହେଉ । ଆଜିର ଏକାଦଶାହ ଅବସରରେ ତାଙ୍କୁ ଆମର ପ୍ରଣାମ ଓ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ।

ସଂପାଦକ ରଂଗରାଗ
ବରଣ୍ଡୁଆ, ବାସୁଦେବପୁର, ଭଦ୍ରକ
ମୋ:୯୯୩୭୯୭୬୬୩୫୧

ରାଜ୍ୟରେ ଗତ ୨୪ ଘଂଟାରେ ୪୧,୮୪୦ କରୋନା ନମୁନା ପରୀକ୍ଷଣ

ଭୁବନେଶ୍ୱର,୬।୧୦ (ନି.ପ୍ର): ରାଜ୍ୟରେ ୨୪ ଘଂଟାରେ ମୋଟ୍ ୪୧ ହଜାର ୮୪୦ କରୋନା ନମୁନା ପରୀକ୍ଷା କରାଯାଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଏଥିମଧ୍ୟରୁ ଆଂଟିଜେନ୍‌ରେ ୩୫,୫୫୦ ଆରଟିପିସିଆରରେ ୬,୧୮୫ ଓ ଟ୍ରୁନଟ୍‌ରେ ୧୦୫ ଟି କରୋନା ନମୁନା ପରୀକ୍ଷା କରାଯାଇଛି । ବର୍ତମାନ ସୁଦ୍ଧା ରାଜ୍ୟରେ ମୋଟ ୩୫୨୪୨୪୨ ନମୁନାର ପରୀକ୍ଷା କରା ଯାଇଛି ।

ଜିଲ୍ଲା କଂଗ୍ରେସ ପକ୍ଷରୁ ମୌନ ସତ୍ୟାଗ୍ରହ

ବାରିପଦା ,୬।୧୦ (ନି.ପ୍ର): ଅଖିଳ ଭାରତ କଂଗ୍ରେସ କମିଟି ଓ ପ୍ରଦେଶ କଂଗ୍ରେସ କମିଟିର ଆହ୍ୱାନ କ୍ରମେ ୫ତାରିଖ ଦିନ ବାରିପଦାର ଆମ୍ବେଦକର ପ୍ରତିମୂର୍ତୀ ତଳେ ମୟୂରଭ ଜିଲ୍ଲା କଂଗ୍ରେସ କମିଟି ତରଫରୁ ସଭାପତି ହେମନ୍ତ ଦାସଙ୍କ ନେତୃତ୍ୱରେ ହାଥରସ ଗଣଦୂଷ୍କର୍ମ ଘଟଣାରେ ଯୋଗୀ ସରକାର ଓ ମୋଦୀ ଦରକାରଙ୍କ କାର୍ଯ୍ୟକଳାପକୁ ସମାଲୋଚନା କରି ଏକଘଂଟା ମୌନ ସତ୍ୟାଗ୍ରହ କରାଯାଇଥିବାର ଜଣାଯାଇଛି । ୟୁପିର ସ୍ଥାନୀୟ ପ୍ରସାଶନ ପିଡିତାଙ୍କ ଶବକୁ ଘର ଲୋକଙ୍କୁନଦେଖାଇବା କିମ୍ବା ପରଂପରା ଅନୁଯାୟୀ ଶବଦାହ ନହେବା ତଥା ଘଟଣା ସ୍ଥଳକୁ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ମହାସଚୀବ ପ୍ରିୟଙ୍କା ଗାନ୍ଧୀ ତଥା ପ୍ରେସ ପ୍ରତିନିଧିଙ୍କ ବାଟ ଓଗାଳିବା ବାସ୍ତବରେ ସମ୍ବିଧାନ ପ୍ରତି କୁଠାରଘାତ ଏବଂ ଯୋଗୀ ସରକାର ମହିଳାଙ୍କୁ ନ୍ୟାୟ ଦେବାରେ ବିଫଳ ହୋଇଛନ୍ତି ଏଣୁ ସେ ଇସ୍ତଫା ଦେବା ଦରକାର ବୋଲି କୁହାଯାଇଛି । ଏହି ସତ୍ୟାଗ୍ରହରେ ପୂର୍ବତନ ସାଂସଦ ଶୁଶିଳା ତିରିଆ, ମହିଳା ସଭାନେତ୍ରୀ ସୁସ୍ମିତା ଘୋଷାଲ, ପୂର୍ବତନ ଉପନଗରପାଳ ପ୍ରଦୀପ ମିଶ୍ର, ପୂର୍ବତନ ପ୍ରଦେଶ ସମ୍ପାଦକ ଯୋଗେଶ ଅଗ୍ରୱାଲ, ଉପସଭାପତି ଅରବିନ୍ଦ ଦାସ, ନଗର ସଭାପତି ବିଜୟ ସିଂ, ଜିଲ୍ଲା କଂଗ୍ରେସର କୋଭିଡ ୧୯ ସଂଯୋଜକ ଶାନ୍ତନୁ ପାଲ, ମାଇନରିଟି ସେଲ ଉପାଧ୍ୟକ୍ଷ ସେକ ମୁସ୍ତାଫା, ପ୍ରଦୀପ ଦାସ, ମୀନକେତନ ବେହେରା, ଦୀପକ ଦାସ, ନିର୍ମଳ ପ୍ରଧାନ, ତୁଷାର ବେହେରା, ଦେବାଶିଷ ଅଧିକାରୀ, ବିକାଶ ସାମଲ, ରଶ୍ମିତା ମିଶ୍ର, ଇନ୍ଦୁମତି ମହାନ୍ତି, ଇତିଶ୍ରୀ ମିଶ୍ର, ବିକ୍ରମ ବର୍ମା ପ୍ରମୁଖ ଯୋଗ ଦେଇଥିଲେ ।

ଡ. କାର୍ତ୍ତିକେଶ୍ୱର ପାତ୍ରଙ୍କ ବିୟୋଗରେ ସୁବର୍ଣ୍ଣଶ୍ରୀ ପ୍ରକାଶିନୀ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ

ସେ ଥିଲେ ଦକ୍ଷରାଜନେତା ଓ ସଫଳ ସାହିତ୍ୟ ସ୍ରଷ୍ଟା

ବାଲେଶ୍ୱର ,୬।୧୦ (ନି.ପ୍ର): ବାଲେଶ୍ୱର ଲୋକସଭାର ପୂର୍ବତନ ସାଂସଦ, ଭୋଗରାଇର ତିନିଥର ବିଧାୟକ ତଥା ଜଣେ ବରିଷ୍ଠ ସାହିତ୍ୟିକଭାବେ ସମଗ୍ର ଓଡ଼ିଶାରେ ପ୍ରତିଷ୍ଠା ଅର୍ଜନ କରିଥିବା ଡ. କାର୍ତ୍ତିକେଶ୍ୱର ପାତ୍ରଙ୍କର ଗତକାଲି ମଧ୍ୟରାତ୍ରରେ କରୋନା ଜନିତ ମୃତ୍ୟୁରେ ସମଗ୍ର ବାଲେଶ୍ୱର ଜିଲ୍ଲାରେ ଶୋକରଛାୟା ଖେଳିଯାଇଥିଲାବେଳେ ତାଙ୍କର ଅନେକ ପୁସ୍ତକର ପ୍ରକାଶନ ଭାର ବହନ କରିଥିବା ସୁବର୍ଣ୍ଣଶ୍ରୀ ପ୍ରକାଶିନୀ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ନିରାଡ଼ମ୍ବର ଭାବେ ନିଳିଆବାଗସ୍ଥିତ ସୁବର୍ଣ୍ଣଶ୍ରୀ କାର୍ଯ୍ୟାଳୟରେ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି ।

ପ୍ରାରମ୍ଭରେ ପରଲୋକଗତ ଡ. ପାତ୍ରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ନିରବ ପ୍ରାର୍ଥନା ସହ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା । ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ତଥା ସୁବର୍ଣ୍ଣଶ୍ରୀ ପ୍ରକାଶିନୀର ପ୍ରତିଷ୍ଠାତା କବି କାଳୀପଦ ପଣ୍ଡା ଡ. ପାତ୍ରଙ୍କର ସୁଦୀର୍ଘ ରାଜନୈତିକ ଜୀବନ ଓ ଅର୍ଦ୍ଧଶତାବ୍ଦୀର ସାହିତ୍ୟ ସାଧନାର ଆଲୋକପାତ କରି ତାଙ୍କ ଭଳି ଜଣେ ବାଗ୍ମୀ, ସୁଲେଖକ ଓ ଦକ୍ଷ ରାଜନେତା ବାଲେଶ୍ୱର ମାଟି ପାଇଁ ବିରଳ ବୋଲି କହିଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଡ. ପାତ୍ର ଯଦିଓ ଜଣେ ରାଜନେତା ଥିଲେ ମାତ୍ର ଓଡ଼ିଆ ସାହିତ୍ୟର ବିବିଧ ବିଭାଗରେ ଲେଖନୀଚାଳନା କରି ଉଭୟ ମୌଳିକ ରଚନା ତଥା ଅନୁବାଦ କାର୍ଯ୍ୟରେ ସଫଳତା ଅର୍ଜନ କରିଥିଲେ । ପ୍ରାୟ ୬୫ରୁ ଊର୍ଦ୍ଧ୍ୱ ବିବିଧ ପୁସ୍ତକର ରଚୟିତା ଡ. ପାତ୍ର ତାଙ୍କର ବାକ୍‌ପଟୁତାରେ ସଭିଙ୍କର ପ୍ରିୟଭାଜନ ହୋଇପାରୁଥିଲେ । ତାଙ୍କର ଜୀବନୀଗ୍ରନ୍ଥ "ମଝି ଦରିଆର ମାଝୀ" ଯେ କେହି ପାଠକ ପାଠକଲେ ତାଙ୍କ ବିଶାଳ ବ୍ୟକ୍ତିତ୍ୱ ସହିତ ପରିଚୟ ଲଭିବେ । ସମ୍ରାଟ ଖାରବେଳଙ୍କ ଉପରେ ତାଙ୍କର ଯେଉଁ ତଥ୍ୟଗତ ଚଳଚିତ୍ର ତାହା ଓଡ଼ିଆ ଜାତିର ଅସ୍ମିତାକୁ ବିଶ୍ୱ ଦରବାରରେ ପରିଚିତ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି । ଏହିଭଳି ଜଣେ ଯଶସ୍ୱୀ ଲେଖକ ଓ ରାଜନେତାଙ୍କ ଆକସ୍ମିକ ବିୟୋଗ ବାସ୍ତବରେ ଓଡ଼ିଆ ଜାତୀୟ ଜୀବନ ପାଇଁ ଅପୂରଣୀୟ କ୍ଷତି । ଉକ୍ତ କାର୍ଯ୍ୟକ୍ରମରେ ଶ୍ରଦ୍ଧାଞ୍ଜଳି ନିବେଦନ କରିଥିଲେ ଡା. କୁନାନନ୍ଦ ଗିରି, ଡ. ରମାକାନ୍ତ ବେହେରା, ଡ. ଅରବିନ୍ଦ ଗିରି, ଡ. ସିନ୍ଧୁ ସେନ୍, ଝାଡ଼େଶ୍ୱର ପ୍ରଧାନ, ରମେଶଚନ୍ଦ୍ର ଜେନା, ଡ. ବିଜୟ କୁମାର ମହାନ୍ତି, ଡ. ଶ୍ରୀକାନ୍ତଚରଣ ପାତ୍ର, ଗାଳ୍ପିକ କୁମାର ଚକ୍ରବର୍ତ୍ତୀ, ବିଦ୍ୟାଧର ସେଠୀ, ଧ୍ୱନିପ୍ରତିଧ୍ୱନିର ସମ୍ପାଦକ ସୃଷ୍ଟିଧର ପରିଡ଼ା ପ୍ରମୁଖ ।

ମୁନୀଗୁଡା ବନ ବିଭାଗ ଦ୍ୱାରା ସାଇଜ ବିଜା କାଠ ସହ ଗାଡି ଜବତ

ଗୁଣୁପୁର ,୬।୧୦ (ନି.ପ୍ର): ରାୟଗଡା ଜିଲ୍ଲା ଗୁଣପୁର ଉପଖଣ୍ଡ ମୁନିଗୁଡା ବନବିଭାଗ କର୍ମଚାରୀ ଗତ କାଲି ରାତିରେ ପେଟ୍ରୋଲିଂ କରୁଥିବା ବେଳେ ଶରଧାପୁରୁ ଅଞ୍ଚଳରୁ ଏକ ପିକପ୍ ଭ୍ୟାନ୍ ନମ୍ବର ଓଡ଼ି ୧୮ବି୮୭୧୧ରେ ବିଜା କାଠ ଚୋରା ଚାଲାଣ ହୋଇ ମୁନୀଗୁଡା ଅଭିମୁଖେ ଯାଉଥିବା ସମୟରେ ତେଲେଙ୍ଗାପଦର ଛକରେ ବନ ବିଭାଗର ପେଟ୍ରୋଲିଂ କରୁଥିବା ଷ୍ଟାଫଙ୍କ ହାତରେ ଧରା ପଡିଥିଲେ । କାଠ ଲୋଡ ସହ ଗାଡିକୁ ମୁନୀଗୁଡା ରେ ଅଫିସକୁ ଆଣି ଥିଲେ । କାଠଗାଡି ଜବତ କରିବା ସହ ପିଙ୍କୁ କୁସୁଲିଆ, ମାତ୍ରାଗୁଡି, କାପୁରୁ କୁସୁଲିଆ, ଗୋଡିଗୁଡାଙ୍କୁ ଗିରଫ କରାଯାଇଛି । ସେମାନଙ୍କଠାରୁ ୨୮ ଖଣ୍ଡ କାଠ ଜବତ କରାଯାଇଛି, ଯାହାର ଆନୁମାନିକ ମୂଲ୍ୟ ପଚିଶ ହଜାର ଟଙ୍କା ହେବ ବୋଲି ଫରେଷ୍ଟର ହରିଶ୍ଚନ୍ଦ୍ର ମାର୍ଥା ପ୍ରକାଶ କରିବା ସହ କେସ୍ ନମ୍ବର ୧୭୪/୦୨୦ପ୍ରକାରେ ଅଭିଯୁକ୍ତ ଦ୍ୱୟଙ୍କୁ ଆଜି କୋର୍ଟ ଚାଲାଣ କରାଯିବ ବୋଲି ଫରେଷ୍ଟର ସୂଚନା ଦେଇଛନ୍ତି । ପ୍ରକାଶ ଥାଉକି ଏହି ପରି ବିଭିନ୍ନ ସମୟରେ ବିଭାଗୀୟ ଅଜଣାତରେ ଚୋରା କାଠ ଚାଲାଣ ହେଉଥିଲେ ମଧ୍ୟ ଅତି ସହଜରେ ଚୋରା ବେପାରୀ ଖସି ଯାଉଥିବା ସାଧାରଣରେ ଅଭିଯୋଗ ହେଉଛି । ଏଥି ପ୍ରତି ବିଭାଗିୟ ଦୂର ଦୃଷ୍ଟି ରଖି ନିର୍ଦ୍ଦିଷ୍ଟ କେଇଜଣ ଗଣମାଧ୍ୟମ ପ୍ରତିନିଧିଙ୍କୁ ନିଜର ସୁନାମ ପାଇଁ କେତେକ ସ୍ଥଳରେ ଡାକି ମିଛ ସତ ନିଉଜ କରି ଅଫିସରଙ୍କୁ ଖୁସ୍ କରୁଥିବାବେଳେ ଅନ୍ୟ ଗଣପ୍ରତିନିଧି ମାନଙ୍କୁ ସତ୍ୟ ପ୍ରକାଶ ହେବା ଭୟରେ ଡାକୁନଥିବା କେତେକ ସାମ୍ବାଦିକ ମତ ପ୍ରକାଶ କରିଛନ୍ତି । ଏନେଇ ରେରଙ୍କୁ ପଚାରିବାରୁ ସେ କୌଣସି ପ୍ରତିକ୍ରିୟା ପ୍ରକାଶ କରିନଥିଲେ ।

ରାଇରଙ୍ଗପୁରରେ ପ୍ରଦୀପ ମହାରଥୀଙ୍କୁ ଶ୍ରଦ୍ଧାଳି

ବାରିପଦା ,୬।୧୦ (ନି.ପ୍ର): ବିଜୁ ଜନତା ଦଳର ବରିଷ୍ଠ ନେତା, ପୂର୍ବତନ ମନ୍ତ୍ରୀ ତଥା ପିପିଲି ନିର୍ବାଚନ ମଣ୍ଡଳୀର ଅପ୍ରତିଦ୍ୱନ୍ଦୀ ନେତା ପ୍ରଦୀପ ମହାରଥୀଙ୍କ ବିୟୋଗରେ ସବୁଠି ଗଭୀର ଶୋକର ଛାୟା ଖେଳିଯାଇଛି । ଦିବଂଗତ ବିଧାୟକ ପ୍ରଦୀପ ମହାରଥୀଙ୍କ ଅମର ଆତ୍ମାର ସଦଗତି ପାଇଁ ରାଇରଙ୍ଗପୁର ଠାରେ ଶ୍ରଦ୍ଧାଳି ଅର୍ପଣ କରାଯାଇଛି । ବରିଷ୍ଠ ବିଜେଡି ନେତା ପ୍ରଦୀପ ମହାରଥୀଙ୍କ ଘନିଷ୍ଠ ବନ୍ଧୁ ଉମାକାନ୍ତ ମହାନ୍ତିଙ୍କ ଅଧକ୍ଷତାରେ ଏହି ଶୋକସଭାଟି ଅନୁଷ୍ଠିତ ହୋଇଥିଲା । ଏଥିରେ ବିଜେଡି ନେତା ଖୁଦୀରାମ ମହାନ୍ତି, ଗୌରୀ ଶଙ୍କର ଦତ୍ତ, ଯୁବନେତା ଟନି ପଣ୍ଡା, ରାଜ୍ୟ ଯୁବ ବିଜେଡ଼ି ଯୁଗ୍ମ ସଂପାଦକ ଗଣେଶ ମିଶ୍ର, ଯୁବନେତା ନିହାର ବେହେରା, ଜ୍ୟୋତି ପ୍ରକାଶ ମହାନ୍ତି, ଛାତ୍ର ନେତା ଏନ. କେ ମଣ୍ଡଳ, ଅବିନାଶ ଗିରି, ପୂର୍ଣଚନ୍ଦ୍ର ପଲେଇ ପ୍ରମୁଖ ଦିବଙ୍ଗତ ଆତ୍ମାର ସ୍ମୃତିଚାରଣ କରିଥିଲେ । ପ୍ରାରମ୍ଭରେ ସ୍ୱର୍ଗତ ମହାରଥୀଙ୍କ ସମ୍ମାନର୍ଥେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ତାଙ୍କ ଅମର ଆତ୍ମାର ସଦଗତି ଏବଂ ତାଙ୍କ ପରିବାର ଲୋକଙ୍କୁ ସାହସ ଏବଂ ଶକ୍ତି ପ୍ରଦାନ କରନ୍ତୁ ବୋଲି ପ୍ରଭୁ ଜଗନ୍ନାଥଙ୍କ ନିକଟରେ ସମସ୍ତେ ପ୍ରାର୍ଥନା କରିଥିଲେ । ଯୁବ ନେତା ଗଣେଶ ମିଶ୍ର ତାଙ୍କ ପ୍ରଦୀପ ମହାରଥୀଙ୍କ ସହ ଥିବା ସ୍ମୃତି ବଖାଣି ଥିଲେ । ତାଙ୍କ ଅବର୍ତମାନରେ ସମଗ୍ର ରାଜ୍ୟ ଜଣେ ଟାଣୁଆ ତଥା ପ୍ରଭାବଶାଳୀ ନେତାଙ୍କୁ ହରାଇଲା ବୋଲି ସମସ୍ତେ ମତବ୍ୟକ୍ତ କରିଥିଲେ ।

ଗତ ୪ ବର୍ଷରେ ଓଡିଶାକୁ ପୋଷଣୀୟ କୃଷି ପାଇଁ କେନ୍ଦ୍ର ଦେଇଛି ୭.୭୫ କୋଟି : ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର, ଅକ୍ଟୋବର ୦୬ – ଜାତୀୟ ମିଶନ ଅଧୀନରେ ଜଙ୍ଗଲ କୃଷି ଅଭିବୃଦ୍ଧିକୁ ପ୍ରୋତ୍ସାହନ ଦେବା ଏବଂ ରାଜ୍ୟର ମହିଳା, କ୍ଷୁଦ୍ର, ମଧ୍ୟମ କୃଷକ ମାନଙ୍କୁ ସଶକ୍ତ କରିବା ପାଇଁ ଗତ ୪ ବର୍ଷ ମଧ୍ୟରେ ଓଡିଶାକୁ ପୋଷଣୀୟ କୃଷି ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୭.୭୫ କୋଟି ଟଙ୍କା ପ୍ରଦାନ ପ୍ରଦାନ କରାଯାଇଛି ବୋଲି ଟ୍ୱିଟ୍ କରି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ଆର୍ଥିକ ଅନୁଦାନ ପାଇଁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାରଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଜଳବାୟୁ ପରିବର୍ତ୍ତନ ପ୍ରଭାବ, ପ୍ରାକୃତିକ ସମ୍ପଦର ସୁରକ୍ଷା, ଜୀବିକା ନିର୍ବାହ ଏବଂ ଓଡିଶା ସମେତ ଦେଶର ଜଙ୍ଗଲ ବାସିନ୍ଦା, ଜନଜାତି ଏବଂ ଗରିବ ଲୋକଙ୍କ ନିକଟରେ ବିକାଶ ପହଞ୍ଚିବା ପାଇଁ ଜଙ୍ଗଲ କୃଷିର ଅପାର ସମ୍ଭାବନା ରହିଛି ଶ୍ରୀ ପ୍ରଧାନ ଟ୍ୱିଟ୍ କରି କହିଛନ୍ତି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

ଦିନକ ପୂର୍ବରୁ ...

ପ୍ରଥମ ଦିନରେ ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ, ୨ ଜଣ ଆସୀନ ସଦସ୍ୟ, ୧୦ ଜଣ ପୂର୍ବତନ ସଦସ୍ୟ ଏବଂ ୫ ଜଣ ସହିଦଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଶୋକ ପ୍ରସ୍ତାବ ଆଗତ କରିଥିଲେ ଏବଂ ତାହା ପାରିତ ହୋଇଥିଲା । ଅକ୍ଟୋବର ୨ ତାରିଖ ଗାନ୍ଧି ଜୟନ୍ତୀ ପାଇଁ ଗୃହ କାର୍ଯ୍ୟ ବନ୍ଦ ରହିଥିବା ବେଳେ ପିପିଲି ବିଧାୟକ ପ୍ରଦୀପ ମହାରଥୀଙ୍କ ଅଚାନକ୍ ବିୟୋଗରେ ରବିବାର ଦିନ ଗୃହରେ ଶୋକ ପରେ ମୁଲତବୀ ହୋଇଯାଇଥିଲା । ୭ ଦିନିଆ ଅଧିବେଶନ ମଧ୍ୟରେ ୧୦୪୬ଟି ଅଣତାରକା ଚିହ୍ନିତ ପ୍ରଶ୍ନ ଆଲୋଚନା ପାଇଁ ଗ୍ରହଣ କରାଯାଇଥିବା ବେଳେ ୮୯୮ଟି ପ୍ରଶ୍ନର ଉତର ଉପସ୍ଥାପନ ହୋଇଥିଲା । ୩ ଟି ମୁଲତବୀ ପ୍ରସ୍ତାବର ଆଲୋଚନା ହୋଇଥିବା ବେଳେ ୭୨ଟି କାଗଜ, ୧୪ଟି ବାର୍ଷିକ ରିପୋର୍ଟ, ୧୦ କମିଟି ରିପୋର୍ଟ , ୧୧ଟି ଅଧ୍ୟାଦେଶ, ୭ଟି ବିଧେୟକ(ବିଲ୍) ଓ ସିଏଜି ରିପୋର୍ଟ ଉପସ୍ଥାପିତ ହୋଇଥିଲା । ଖଣି ଦୁର୍ନୀତି , କୃଷି ସମସ୍ୟା ସମ୍ପର୍କିତ ଆଲୋଚନା ବେଳେ ଶାସକ ଓ ବିରୋଧୀ ଦଳ ସଦସ୍ୟମାନଙ୍କ ମଧ୍ୟରେ କଥା କଟାକଟି ଯୋଗୁଁ ଗୃହର ବାତାବରଣ ସରଗରମ ରହିଥିଲା । ସେହିପରି ଉତରପ୍ରଦେଶର ହାଥରସ୍ ଗଣଦୁଷ୍କର୍ମ ଘଟଣା ଆଲୋଚନା ବେଳେ ମଧ୍ୟ ଗୃହରେ ହଟ୍ଟଗୋଳ ହୋଇଥିଲା । ତେବେ ମାତ୍ର ୮ ଦିନିଆ ଅଧିବେଶନ ଦିନକ ଆଗରୁ ଶେଷ ହୋଇଛି ।

ପ୍ରଧାନମନ୍ତ୍ରୀ ଏବଂ ...

ତ୍ରୟୋମାସିକ ଜିଏସଟି ରିଟର୍ଣ୍ଣ ଦାଖଲ କରିପାରିବେ । ଏହି ନିଷ୍ପତି ଦ୍ୱାରା ଏମଏସଏମଇ ଗୁଡ଼ିକୁ ଆଶ୍ୱସ୍ତି ପ୍ରଦାନ କରିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନତୃତ୍ୱରେ ଭାରତ ସରକାର ସର୍ବଦା କର୍ପୋରେଟ୍ ଫେଡେରାଲିଜିମକୁ ମନ୍ତ୍ର ଭାବରେ ଗ୍ରହଣ କରିଛନ୍ତି । ଏହି ଆଧାରରେ ସରକାର ଏବଂ ନାଗରିକଙ୍କ ମଧ୍ୟରେ ଇଜ୍ ଅଫ୍ ଡୁଇଙ୍ଗ୍ ବିଜନେସକୁ ଗୁରୁତ୍ୱ ଦିଆଯାଉଛି ବୋଲି ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି । ସେହିପରି ଋଣ ନେବା ପ୍ରସଙ୍ଗରେ କେନ୍ଦ୍ର ସରକାର ୯୭ ହଜାର କୋଟି ଟଙ୍କା ରାଶିକୁ ବଢ଼ାଇ ୧.୧୦ ଲକ୍ଷ କୋଟି ଟଙ୍କା କରାଯାଇଛି । ଏହି ବିକଳ୍ପକୁ ୨୦ରୁ ଅଧିକ ରାଜ୍ୟ ଗ୍ରହଣ କରିଥିବା ବେଳେ କଂଗ୍ରେସ ଶାସିତ କିଛି ରାଜ୍ୟ ରାଜନୀତି କରିବା ସହ ଏହି ପ୍ରସ୍ତାବକୁ ଜନସାଧାରଣଙ୍କ ହିତରେ ଆଗ୍ରହ ପ୍ରକାଶ କରିବାକୁ ଚାହୁଁନଥିଲେ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

ରାଜ୍ୟରେ ଆଉ ୧୬...

ଖୋର୍ଧା ଜିଲ୍ଲାର ଜଣେ ୭୦ ବର୍ଷୀୟ ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ, ଉଚ୍ଚ ରକ୍ତଚାପ ଓ ଅନ୍ୟ ରୋଗରେ ପୀଡିତ ଥିଲେ । ମୟୂରଭଂଜ ଜିଲ୍ଲାର ଜଣେ ୬୨ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି । ଉନବରଙ୍ଗପୁର ଜିଲ୍ଲାର ଜଣେ ୬୫ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ମୃତ୍ୟୁ ଘଟିଛି । ନୟାଗଡ ଜିଲ୍ଲାର ଜଣେ ୭୫ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ବିଭ

ବୁଧବାର,୭ ଅକ୍ଟୋବର ୨୦୨୦

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

କଂଗ୍ରେସ ପକ୍ଷରୁ ଦିବଂଗତ କାର୍ତ୍ତିକେଶ୍ୱର ପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି

ବାଲେଶ୍ୱର,୬।୧୦ (ନି.ପ୍ର): ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ପୂର୍ବତନ ଭୋଗରାଇ ବିଧାୟକ, ପୂର୍ବତନ ବାଲେଶ୍ୱର ସାଂସଦ, ବିଶିଷ୍ଟ କଂଗ୍ରେସ ନେତା ତଥା ସାରସ୍ୱତ ସାଧକ ଡକ୍ଟର କାର୍ତ୍ତିକେଶ୍ୱର ପାତ୍ରଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆଜି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ତାରା ପ୍ରସାଦ ବାହିନୀପତି, କଂଗ୍ରେସର ବାଲେଶ୍ୱର ସାଂସଦ ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକ, ଭୋଗରାଇ ବିଧାୟକ ପ୍ରାର୍ଥୀ ସତ୍ୟଶିବ ଦାସ, ଜଳେଶ୍ୱର ବିଧାୟକ ପ୍ରାର୍ଥୀ ତଥା ପିସିସି ମୁଖପାତ୍ର ସୁଦର୍ଶନ ଦାସଙ୍କ ସମେତ ପୂର୍ବତନ ବିଧାୟକ ଅକ୍ଷୟ ଆଚାର୍ଯ୍ୟ, ପିସିସି ପୂର୍ବତନ ସାଧାରଣ ସମ୍ପାଦକ ସଂଜୀବ ଗିରି, ପଦ୍ମଲୋଚନ ଲେଙ୍କା, ଅର୍ଚ୍ଚନା ନନ୍ଦୀ, ପ୍ରଜ୍ଞାପାରମିତା ମହାନ୍ତି ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପାତ୍ରଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ ସହ ତାଙ୍କର ଜୀବନାଦର୍ଶ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ । ସାମଜସେବା ପ୍ରତି ଆଜୀବନ ଅନୁରକ୍ତ ଥିବା ସ୍ୱର୍ଗତ ପାତ୍ର ରାଜନୀତିରେ ପାଦଥୋଇ ମାତ୍ର ୩୦ ବର୍ଷ ବୟସରେ କଂଗ୍ରେସରୁ ବିଧାୟକ ଭାବେ ନିର୍ବାଚିତ ହୋଇ ସେତେବେଳେ ସମସ୍ତଙ୍କ ପାଇଁ ଉଦାହରଣ ପାଲଟିଥିଲେ । ବିଧାୟକ ଓ ସାଂସଦ ଥିବାବେଳେ ଭୋଗରାଇ ସମେତ ବାଲେଶ୍ୱର ବିକାଶରେ ତାଙ୍କର ଅବଦାନ ସର୍ବଦା ସ୍ମରଣୀୟ ହୋଇ ରହିବ ବୋଲି କଂଗ୍ରେସ ନେତାମାନେ ମତ ପ୍ରକାଶ କରିଥିଲେ । କେବଳ ରାଜନୀତି ବା ସମାଜସେବା ନୁହେଁ ବରଂ ସାରସ୍ୱତ କ୍ଷେତ୍ରରେ ତାଙ୍କର ପ୍ରତିଭା ଅନ୍ୟମାନଙ୍କ ପାଇଁ ପ୍ରେରଣା ହୋଇପାରିଛି ବୋଲି ସେମାନେ କହିଥିଲେ । ପ୍ରାରମ୍ଭରେ ତାଙ୍କର ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ଦୁଇମିନଟ ନିରବ ପ୍ରାର୍ଥନା ଦ୍ୱାର ଦିବଂଗତ ଆତ୍ମାପ୍ରତି ଉପସ୍ଥିତ କଂଗ୍ରେସ ନେତା ଓ କର୍ମୀମାନେ ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ ।

ସରୋଜ ମିଶ୍ର ଜଗତସିଂହପୁରର ନୂତନ ଜିଲ୍ଲାପାଳ

ପାରାଦ୍ୱୀପ,୬।୧୦ (ନି.ପ୍ର): ଜଗତସିଂହପୁର ଜିଲ୍ଲାର ନୂତନ ଜିଲ୍ଲାପାଳ ଭାବେ ସରୋଜ କୁମାର ମିଶ୍ର (ଓଏଏସ୍) ଦାୟିତ୍ୱଗ୍ରହଣ କରିଛନ୍ତି । ଜଗତସିଂହପୁର ପୂର୍ବତନ ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ଜିଏ ଆଣ୍ଡ ପିଜି ଡିପାର୍ଟମେଣ୍ଟର ଓଏସ୍‌ଡି ଭାବେ ଅବସ୍ଥାପିତ କରାଯାଇଛି । ସଂଗ୍ରାମ ମହାପାତ୍ରଙ୍କ ଘର ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ହୋଇଥିବାରୁ ଆପତ୍ତି ଉଠାଇଥିଲା କଂଗ୍ରେସ । ତିର୍ତ୍ତୋଲ ରେ ଉପନିର୍ବାଚନ ଦୃଷ୍ଟିରୁ ନିର୍ବାଚନ କମିଶନଙ୍କ ପାଖରେ ଅଭିଯୋଗ କରିଥିଲା କଂଗ୍ରେସ । ତେବେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ତିର୍ତ୍ତୋଲ ରେ ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ କଂଗ୍ରେସ ର ଏହି ଦାବିକୁ ଗ୍ରହଣ କରି ଜିଲ୍ଲାପାଳ ସଂଗ୍ରାମ ମହାପାତ୍ରଙ୍କୁ ବଦଳି କରିଥିବା ଆଲୋଚନା ହେଉଛି ।

ଦେଶରେ ଗତ ୨୪ଘଂଟା ମଧ୍ୟରେ କୋବିଡ ପାଇଁ ୧୦,୮୯,୪୦୩ ନମୂନାର ପରୀକ୍ଷଣ

ନୂଆଦିଲ୍ଲୀ,୬।୧୦ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ କୋବିଡ ପାଇଁ ୧୦,୮୯,୪୦୩ ନମୂନାର ପରୀକ୍ଷଣ କରା ଯାଇଛି । ଏହା ସହିତ ଦେଶରେ ବର୍ତମାନ ସୁଦ୍ଧା ୮,୧୦,୭୧,୭୯୭ ନମୂନାର ପରୀକ୍ଷଣ କରା ଯାଇଥିବା ଆଇଏମସିଆର ପକ୍ଷରୁ ସୂଚନା ଦିଆ ଯାଇଛି ।

ନକଲି ଏସଟିଏଫ ଅଧିକାରୀ ଗିରଫ : ସ୍କର୍ପିଓ-ବିଦେଶୀ ବନ୍ଧୁକ ସହ ବହୁ ସାମଗ୍ରୀ ଜବତ୍

ବାଲେଶ୍ୱର,୬।୧୦ (ନି.ପ୍ର): ନିଜକୁ ସ୍ପେଶାଲ ଟାସ୍କ ଫୋର୍ସ (ଏସଟିଏଫ)ର ଅଧିକାରୀ ଭାବେ ପରିଚୟ ଦେଇ ବନ୍ଧୁକ ଫୁଟାଇ ସାଧାରଣ ଲୋକଙ୍କ ମଧ୍ୟରେ ଭୟ ସଂଚାର ପାଇଁ ଚେଷ୍ଟା କରୁଥିବା ଯୁବକ ଓ ସ୍କର୍ପିଓ ଡ୍ରାଇଭରକୁ ଖନ୍ତାପଡ଼ା ଥାନା ପୁଲିସ ଗିରଫ କରିଛି । ସେମାନେ ବ୍ୟବହାର କରିଥିବା ଡଆର ୦୫ଏଏଫ/୫୮୫୭ ନଂର ସ୍କର୍ପିଓ, ଏକ ବିଦେଶୀ ବନ୍ଧୁକ, ୫ ଗୋଟି ଜୀବନ୍ତ ଗୁଳି, ଏକ ଭିଏଚଫ ମେସିନ, ଓକିଟୋକି, ମୋବାଇଲ ଆଦି ପୁଲିସ ଜବତ୍ କରିଛି । ଗିରଫ ନକଲି ଏସଟିଏଫ ଅଧିକାରୀ ଜଣକ ହେଲେ ଗଞ୍ଜାମ ଜିଲ୍ଲା ନାହାଡ଼ା ଅଞ୍ଚଳର ପ୍ରମୋଦ ବରାଳଙ୍କ ପୁତ୍ର ପ୍ରିୟ ରଂଜନ ବରାଳ (୩୪) ଏବେ ସେ ମୟୂରଭଂଜ ଜିଲ୍ଲା ବାରିପଦା ଥାନା ଅନ୍ତର୍ଗତ ବିଜୟରାମଚନ୍ଦ୍ରପୁରରେ ରହୁଛନ୍ତି । ଡ୍ରାଇଭର ଜଣକ ହେଲେ ମୟୂରଭଂଜ ଜିଲ୍ଲା ବାରିପଦା ଥାନା ଅନ୍ତର୍ଗତ ଷ୍ଟେସନବଜାରର ଶ୍ୟାମସୁନ୍ଦର ସିଂଙ୍କ ପୁତ୍ର ପଙ୍କଜ କୁମାର ସିଂ(୨୪) । ଗତକାଲି ଖନ୍ତାପଡ଼ା ଟୋଲ ପ୍ଲାଜା ପୂର୍ବରୁ ଏକ ବିଲାତି ବୋଝେଇ ଟ୍ରକ୍ ଓଲଟିପଡ଼ିବା ଫଳରେ ହୋଇଥିବା ରାସ୍ତାଜାମକୁ ନିୟନ୍ତ୍ରଣ ପାଇଁ ଖନ୍ତାପଡ଼ା ଥାନାର ପୁଲିସ ଚେଷ୍ଟା କରୁଥିବା ବେଳେ ଭଦ୍ରକ ପଟୁ ଏକ ନାଲିବତୀ ଥିବା ଧଳାରଙ୍ଗର ସ୍କର୍ପିଓ ସେଠାରେ ପହଞ୍ଚିଥିଲା । ସ୍କର୍ପିଓରୁ ପ୍ରିୟରଂଜନ ଓହ୍ଲାଇ ରାସ୍ତାଜାମ ନିୟନ୍ତ୍ରଣ କରୁଥିବା ପୁଲିସ କର୍ମଚାରୀଙ୍କୁ ନାନା ପ୍ରକାର ଗାଳିଗୁଳଜ କରି ଲୋକ ଗହଳି ନିୟନ୍ତ୍ରଣ ପାଇଁ କହିଥିଲେ । ନିଜକୁ ଜଣେ ଏସଟିଏଫ୍ ଅଧିକାରୀ ଭାବେ ପରିଚୟ ଦେବା ସହ ସେ ଏକ ବନ୍ଧୁକ ବାହାର କରି ବ୍ଲାଙ୍କ ଫାୟାରଂ କରିଥିଲା । ଏହାକୁ ଦେଖି ଲୋକେ ଭୟ ପାଇଥିବା ବେଳେ ଉପସ୍ଥିତ ପୁଲିସ ସନ୍ଦେହ କରି ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲା । ମାତ୍ର ସେମାନେ ଗାଡ଼ି ଚଳାଇ ବାଲେଶ୍ୱର ଅଭିମୁଖେ ପଳାଇ ଆସିଥିଲେ । ଦୁର୍ଘଟଣାସ୍ଥଳ ପୁଲିସଙ୍କଠାରୁ ଫୋନ ପାଇ ଟୋଲ ପ୍ଲାଜା ନିକଟରେ ଡ୍ୟୁଟି କରୁଥିବା ପୁଲିସ କର୍ମଚାରୀ ସେମାନଙ୍କ ଗାଡ଼ିକୁ ଅଟକାଇବାକୁ ଚେଷ୍ଟା କରିଥିଲା । ସେଠାରେ ବି ସେମାନେ ପୁଲିସ କର୍ମଚାରୀଙ୍କୁ ଧକ୍କା ଦେଇ ଚମ୍ପଟ ମାରିଥିଲେ । ଏଥିରେ ଜଣେ ପୁଲିସ କର୍ମଚାରୀ ବି ଆହତ ହୋଇଛି । ଏ ଘଟଣା ସମ୍ପର୍କରେ ପୂର୍ବରୁ ଖବର ପାଇ ଜଗି ରହିଥିବା ଖନ୍ତାପଡ଼ା ଥାନା ଅଧିକାରୀ ପରେଶ ଚନ୍ଦ୍ର ରାଉତ ଓ ଅନ୍ୟ ପୁଲିସ କର୍ମଚାରୀମାନେ ସେମାନଙ୍କୁ କାବୁ କରିଥିଲେ । ଆହତ ପୁଲିସ କର୍ମଚାରୀଙ୍କ ଏତଲା କ୍ରମେ ୩୧୬ ନଂର ମାମଲା ରୁଜୁ ସହ ଗିରଫ ଅଭିଯୁକ୍ତ ଓ ଡ୍ରାଇଭରଙ୍କୁ ଥାନା ପକ୍ଷରୁ ପଚରାଉଚୁରା ଜାରି ରହିଛି ।

ନିର୍ମାଣ ଶ୍ରମିକଙ୍କ ରାଜ୍ୟବ୍ୟାପୀ ଆନ୍ଦୋଳନ ଆସନ୍ତା ୯ରେ

ଭୁବନେଶ୍ୱର,୬।୧୦ (ନି.ପ୍ର): ପଞ୍ଜିକୃତ ନିର୍ମାଣ ଶ୍ରମିକଙ୍କୁ ତୁରନ୍ତ କୋଭିଡ୍ ଓ ଅନ୍ୟାନ୍ୟ ସହାୟତା ପ୍ରଦାନରେ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ର ବିଫଳତା ବିରୁଦ୍ଧରେ ଆଗାମୀ ଅକ୍ଟୋବର ୯ ତାରିଖ ରାଜ୍ୟବ୍ୟାପୀ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଘେରାଉ ସହିତ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ନିମନ୍ତେ ନିର୍ମାଣ ଶ୍ରମିକ ୟୁନିୟନ୍ ସମନ୍ୱୟ କମିଟି ତରଫରୁ ଅନୁଷ୍ଠିତ ବୈଠକରେ ଆହ୍ୱାନ ଦିଆଯାଇଛି । ରାଜକିଶୋର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମନ୍ୱୟ କମିଟିର ରାଜ୍ୟ ଆବାହକ ବିଜୟ ଜେନା ଏହି ସୂଚନା ଦେଇଥିଲେ । ନିର୍ମାଣ ଶ୍ରମିକଙ୍କ ବିଭିନ୍ନ ଦାବି, ଯଥା :ବିଭିନ୍ନ ସହାୟତା ରାଶି ଓ ବାର୍ଷିକ ନବୀକରଣ ପାଇଁ ଅନ୍‌ଲାଇନ୍ ପ୍ରକ୍ରିୟା ବନ୍ଦ କରିବା, ତୁରନ୍ତ କୋଭିଡ୍ ସହାୟତା ରାଶି ପ୍ରଦାନ, ଘରୋଇ ବୈଷୟିକ ଶିକ୍ଷା ସହାୟତା ରାଶି ପ୍ରଦାନ, ଅଘୋଷିତ ଭାବେ ବନ୍ଦ କରାଯାଇଥିବା ଯାନ୍ତ୍ରିକ ନିରାପତା ଉପକରଣ ଓ ସାଇକେଲ ସହାୟତା ତୁରନ୍ତ ପ୍ରଦାନ, ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ତାଲିମ ନେଇଥିବା ଶ୍ରମିକଙ୍କୁ ତାଙ୍କର ପ୍ରାପ୍ୟ ପ୍ରଦାନ, ଦୂରାରୋଗ୍ୟ ଚିକିତ୍ସା ସହାୟତା ରାଶି ପ୍ରଦାନ, ନିୟମାନୁସାରେ ମୃତ୍ୟୁକାଳୀନ, ବିବାହ, ପ୍ରସବକାଳୀନ, ଶିକ୍ଷା ସହାୟତା ରାଶି ପ୍ରଦାନ, ସରକାରଙ୍କ ବୈଷୟିକ ପରିବର୍ତନ ଯୋଗୁ ପଞ୍ଜିକୃତ ନିର୍ମାଣ ଶ୍ରମିକଙ୍କ ତ୍ରୁଟି ସଂଶୋଧନ, ପୁରୀ ଜିଲ୍ଲା ଓ୍ୱେଲଫେୟାର କୋର୍ଡିନେଟରଙ୍କ ଉପରେ ଆସିଥିବା ଅଭିଯୋଗର ଭିତିରେ କାର୍ଯ୍ୟାନୁଷ୍ଠାନ ଆଦି ଦାବି ଉପରେ ଆଲୋଚନା କରାଯାଇ ଆନ୍ଦୋଳନ ଡାକରା ଦିଆଯାଇଥିଲା । ଏହି ବୈଠକରେ ବିରେନ୍ଦ୍ର ପ୍ରତାପ ଦାସ, ମହାବୀର ପ୍ରସାଦ ମିଶ୍ର, ସୁର ଜେନା, ବିପ୍ଳବ କେଶରୀ ମହାପାତ୍ର, ମନୋରଞ୍ଜନ ମହାରଣା, ପ୍ରବୀଣ ଦାସ, ସୋମନାଥ ଗିରି ପ୍ରମୁଖ ଉପସ୍ଥିତ ଥିଲେ ।

ଉପ-ନିର୍ବାଚନରେ ନିର୍ଦ୍ଦିଷ୍ଟ ବର୍ଗଙ୍କୁ ପୋଷ୍ଟାଲ ବାଲଟ୍ ସୁବିଧା

ବାଲେଶ୍ୱର,୬।୧୦ (ନି.ପ୍ର): ବାଲେଶ୍ୱର ସଦର ବିଧାନସଭା ନିର୍ବାଚନମଣ୍ଡଳୀରେ ହେବାକୁ ଥିବା ଉପ-ନିର୍ବାଚନରେ ନିର୍ଦ୍ଦିଷ୍ଟ କିଛି ବର୍ଗର ବ୍ୟକ୍ତି ଶେଷଙ୍କୁ ପୋଷ୍ଟାଲ ବାଲଟ୍ ସୁବିଧା ଯୋଗାଇ ଦିଆଯିବ । ଏ ସଂକ୍ରାନ୍ତରେ ଭାରତର ନିର୍ବାଚନ କମିଶନ ମାର୍ଗଦର୍ଶିକା ଜାରି କରିଛନ୍ତି । ପୂର୍ବରୁ କେବଳ ସରକାରୀ କର୍ମଚାରୀ ଏବଂ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଥିବା ବ୍ୟକ୍ତିବିଶେଷଙ୍କୁ ଏହି ସୁବିଧା ମିଳୁଥିବା ବେଳେ ଏବେ ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ ଓ କରୋନା ଆକ୍ରାନ୍ତ ଭୋଟରକୁ ଏଥିରେ ସାମିଲ କରାଯାଇଛି । ଉପରୋକ୍ତ ତିନି ଶ୍ରେଣୀର ମତଦାତାମାନଙ୍କୁ ପୋଷ୍ଟାଲ ବାଲଟ୍ ମାଧ୍ୟମରେ ମତଦାନ କରିବା ପାଇଁ ଫର୍ମ-୧୨ଘ(୧୨ଉ) ରେ ରିଟର୍ଣ୍ଣିଂ ଅଧିକାରୀଙ୍କୁ ଆବେଦନ କରିବାକୁ ପଡିବ । ଏହି ଫର୍ମ ବୁଥସ୍ତରୀୟ ଅଧିକାରୀ(ବି.ଏଲ.ଓ)ମାନେ ବଂଟନ କରିବେ । ଏହି ତିନି ଶ୍ରେଣୀର ମତଦାତାମାନେ ଫର୍ମ ପୂରଣ କରି ବି.ଏଲ.ଓ.ମାନଙ୍କୁ ଫେରସ୍ତ କରିବେ । ଏହା ପରେ ସେମାନଙ୍କ ନାମରେ ପୋଷ୍ଟାଲ ବାଲଟ୍ ଜାରି କରାଯିବ । ଦ୍ୱିତୀୟରେ ପୋଷ୍ଟାଲ ବାଲଟ୍‌ଗୁଡିକୁ ଏହି ତିନି ଶ୍ରେଣୀର ମତଦାତାଙ୍କ ପାଖରେ ଜଣେ ବି.ଏଲ.ଓ. ବା ଅନ୍ୟାନ୍ୟ ଅଧିକାରୀଙ୍କ ଜରିଆରେ ସେମାନଙ୍କ ଘରେ ପହଂଚାଇବାର ବ୍ୟବସ୍ଥା କରାଯିବ, ଯେଉଁଥିରେ ସେମାନେ ମତଦାନ କରିବା ସହିତ ଲଫାପାରେ ସିଲ୍ କରି ସମ୍ପୃକ୍ତ ଅଧିକାରୀମାନଙ୍କ ମାଧ୍ୟମରେ ଫେରାଇ ପାରିବେ । ତାଙ୍କ ଘରକୁ ଅଧିକାରୀମାନେ ଯାଇ ଏହାକୁ ସଂଗ୍ରହ କରିବେ । ପୋଷ୍ଟାଲ ବାଲଟ୍ ଗ୍ରହଣ କରିବା ପାଇଁ ବି.ଏଲ.ଓ. କିମ୍ବା ଅନ୍ୟାନ୍ୟ ଅଧିକାରୀମାନେ ୨ଥର ମତଦାତାଙ୍କ ଘରକୁ ଯିବେ । ସେହି ୨ ଥର ମଧ୍ୟରେ ମତଦାତାମାନେ ତାଙ୍କର ପୋଷ୍ଟାଲ ବାଲଟ୍ ପୂରଣ କରି ଫେରସ୍ତ କରିବା କାର୍ଯ୍ୟ ଯେପରି ସମାପନ କରିବେ, ତାହାକୁ ସୁନିଶ୍ଚିତ କରିବେ । ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ବାଲେଶ୍ୱର ଜିଲ୍ଲାପାଳଙ୍କ ପକ୍ଷରୁ ମତଦାତାମାନଙ୍କୁ ଏହା ସୂଚୀତ କରାଯାଉଛି ଯେ ପୋଷ୍ଟାଲ ବାଲଟ୍ ମାଧ୍ୟମରେ ମତଦାନ କରିବା ବାଧ୍ୟତାମୂଳକ ନୁହେଁ । ଦ୍ୱିତୀୟତଃ ଏହା ମଧ୍ୟ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ ଥରେ ପୋଷ୍ଟାଲ ବାଲଟ୍ ମାଧ୍ୟମରେ ମତଦାନ ପାଇଁ ସମ୍ମତି ପ୍ରଦାନ କରିବା ପରେ ସେହି ବ୍ୟକ୍ତିବିଶେଷ ପୋଲିଂ ବୁଥରେ ଯାଇ ଭୋଟ୍ ଦେଇପାରିବେ ନାହିଁ । ନିର୍ବାଚନ ପାଇଁ ବିଜ୍ଞପ୍ତି ଆସନ୍ତା ଅକ୍ଟୋବର ୯ତାରିଖରେ ପ୍ରକାଶ ପାଇବାକୁ ଥିବା ବେଳେ ପୋଷ୍ଟାଲ ବାଲଟ୍ ପାଇଁ ଫର୍ମ-୧୨ଘ(୧୨ଉ)କୁ ବୁଥସ୍ତରୀୟ ଅଧିକାରୀ (ବି.ଏଲ.ଓ) ବା ଅନ୍ୟାନ୍ୟ ଅଧିକାରୀ ୯ତାରିଖରୁ ୧୩ତାରିଖ ମଧ୍ୟରେ ଉପରବର୍ଣ୍ଣିତ ବର୍ଗର ମତଦାତାମାନଙ୍କୁ ବଂଟନ କରିବା ସହ ଦରଖାସ୍ତଗୁଡିକୁ ସଂଗ୍ରହ କରିବେ । ପୋଷ୍ଟାଲ ବାଲଟ୍ ବ୍ୟବସ୍ଥାର ସୁପରିଚାଳନା ପାଇଁ ନୀଳଗିରି ଉପ-ଜିଲ୍ଲାପାଳ ହରିଶ ଚନ୍ଦ୍ର ଜେନାଙ୍କୁ ନୋଡାଲ୍ ଅଫିସର ଭାବେ ଦାୟିତ୍ୱ ଦିଆଯାଇଛି । ଏ ସମ୍ପର୍କରେ କୌଣସି ସନ୍ଦେହ ଥିଲେ ତାଙ୍କ ମୋ. ନମ୍ବର-୯୪୩୭୧୭୪୫୧୩ରେ ଯୋଗାଯୋଗ କରିବାକୁ କୁହାଯାଇଛି । ଏହି କାର୍ଯ୍ୟକ୍ରମକୁ ସଫଳତା ପାଇଁ ଜିଲ୍ଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ସମସ୍ତ ରାଜନୈତିକ ଦଳଙ୍କ ସମେତ ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି ।

କରୋନାରେ ସମାଜସେବୀ ସୁଧାଂଶୁ ମହାପାତ୍ରଙ୍କ ପରଲୋକ

ବାଲିଆପାଳ,୬/୧୦(ନି.ପ୍ର)ବାଲିଆପାଳ ବ୍ଲକ ଅନ୍ତର୍ଗତ ଶ୍ରୀରାମପୁର ପଞ୍ଚାୟତ ଅଧିନସ୍ଥ ନେପୁରା ଗ୍ରାମର ବିଶିଷ୍ଟ ସମାଜସେବୀ ତଥା ବିଜେଡିର ଆଗ ଧାଡିର କର୍ମୀ ସୁଧାଂଶୁ ମହାପାତ୍ରଙ୍କ ୭୬ ବର୍ଷ ବୟସରେ ଜ୍ୟୋତି କୋଭିଡ ହସପିଟାଲରେ ପରଲୋକ ହୋଇଯାଇଛି । ଗତ କିଛି ଦିନ ତଳେ ତାଙ୍କ ଦେହ ଖରାପ ହେବା ପରେ ବାଲେଶ୍ୱର ମୁଖ୍ୟ ହସପିଟାଲକୁ ଚିକିତ୍ସା ପାଇଁ ନିଆଯାଇଥିଲା । ସେଠାରେ କରୋନା ପରୀକ୍ଷାରେ ପଜିଟିଭ ବାହାରିବା ପରେ ଜ୍ୟୋତି କୋଭିଡ ହସପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । ତାଙ୍କ ବିୟୋଗରେ ଶ୍ରୀରାମପୁର ତଥା ବାଲିଆପାଳ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ବିୟୋଗରେ ବିଜେଡି ଜିଲା ସଭାପତି ତଥା ପୂର୍ବତନ ସାଂସଦ ଇଂ ରବୀନ୍ଦ୍ର କୁମାର ଜେନା,ସମାଜସେବୀ ତଥା ରେବତୀର ସଂପାଦିକା ସୁବାସିନୀ ଜେନା,ବାଲିଆପାଳ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ,ପୂର୍ବତନ ଜିଲାପରିଷଦ ସଦସ୍ୟ ନିସାକର ସେଠୀ,ଶ୍ରୀରାମପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ବିଜୟ କୃଷ୍ଣ ବେହେରା,ବିଜେଡି ମିଡିଆ ସଂଯୋଜକ ଗୋପନାରାୟଣ ଜେନା,ନରୋତ୍ତମ ଜେନା ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି ।

କାର୍ତ୍ତିକେଶ୍ୱର ପାତ୍ରଙ୍କ ବିୟୋଗରେ ଶୋକ

ବାଲିଆପାଳ,୬/୧୦(ନି.ପ୍ର) ବାଲେଶ୍ୱର ପୂର୍ବତନ ସାଂସଦ ଭୋଗରାଇର ପୂର୍ବତନ ବିଧାୟକ ପ୍ରଖ୍ୟାତ ଦକ୍ଷ ରାଜନୀତିଜ୍ଞ ,ବିଶିଷ୍ଟ ସାରସ୍ୱତ ସାଧକ, ଐତିହାସିକ, ଡ.କାର୍ତ୍ତିକେଶ୍ୱର ପାତ୍ରଙ୍କ ୮୧ ବର୍ଷ ବୟସରେ ସୋମବାର ବିଳମ୍ବିତ ରାତ୍ରୀରେ ଅସୁସ୍ଥ ହୋଇ କଟକ ଯାଉଥିବା ବେଳେ ପାଣିକୋଇଲି ପାଖରେ ମୃତ୍ୟୁ ଘଟିଥିଲା । ତାଙ୍କ ମୃତ୍ୟୁରେ ବାଲିଆପାଳର ବିଶିଷ୍ଟ ବ୍ୟକ୍ତିମାନେ ଶେଷ ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ଶୋକ ବ୍ୟକ୍ତ କରିଛନ୍ତି । ପୂର୍ବତନ ବିଧାୟକ ଜୟନାରାୟଣ ମହାନ୍ତି ଶୋକ ବାର୍ତ୍ତାରେ କହିଛନ୍ତି ଯେ କାର୍ତ୍ତିକ ବାବୁ ଓଡିଶା ରାଜନୀତିର ଜଣେ ଜଣାଶୁଣା ଚେହେରା ଥିଲେ । ସେ ଥରେ ବାଲେଶ୍ୱର ସାଂସଦ ଓ ଭୋଗରାଇର ୩ଥର ବିଧାୟକ ହୋଇ ନିଜର ରାଜନୈତିକ ଜୀବନରେ ବହୁ ପ୍ରତିଘାତ ଭିତରେ ଭୋଗରାଇ ତଥା ବାଲେଶ୍ୱର ଜିଲାର ବିକାଶ କରିବା ଦିଗରେ ବେଶ ଖ୍ୟାତି ଅର୍ଜନ କରିପାରିଥିଲେ । ପ୍ରଥମେ ଶିକ୍ଷକତା ପରେ ରାଜନୀତିରେ ପ୍ରବେଶ କରି ଜଣେ ସଫଳ ରାଜନୀତିଜ୍ଞ ଭାବେ ଓଡିଶାର ନିଜର ପରିଚୟ ସୃଷ୍ଟି କରିପାରିଥିଲେ । ରାଜନୀତି ସହିତ ସାହିତ୍ୟ ସାଧନାରେ ବ୍ରତି ହୋଇ ୫୦ରୁ ଅଧିକ ନାଟକ ଓ ଗଳ୍ପ ସଂକଳନ ଓ ଗବେଷଣା ମୂଳକ ପୁସ୍ତକ ରଚନା କରିଛନ୍ତି । ତାଙ୍କ ବିୟୋଗରେ ଶ୍ରୀ ମହାନ୍ତି ମର୍ମାହତ ବୋଲି କହିଛନ୍ତି । ବିଶିଷ୍ଟ ସମାଜବାଦୀ ନେତା ତଥା ଭିଟାମାଟି ସୁରକ୍ଷା ଆନ୍ଦୋଳନର ନେତା ଅରୁଣ ଜେନା କାର୍ତ୍ତିକ ବାବୁଙ୍କ ବିୟୋଗରେ ଶୋକ ବ୍ୟକ୍ତି କରି ତାଙ୍କ ଲମ୍ବା ରାଜନୈତିକ ଜୀବନ ଭୋଗରାଇ ଓ ବାଲେଶ୍ୱର ପାଇ ଉତ୍ସଗୀକୃତ ଥିଲା । ତାଙ୍କୁ ଆଜି ସାରା ଜିଲା ଝରୁଥିବା କଥା ସେ କହିଛନ୍ତି । ସ୍ୱର୍ଗତ ପାତ୍ରଙ୍କ ବିୟୋଗରେ ବାଲିଆପାଳ ପଞ୍ଚାୟତ ସମିତି ଅଧକ୍ଷ ବିଜନ କୁମାର ନାୟକ,ଦେବ କୁମାର ଦେ,ବରିଷ୍ଠ ନାଗରିକ ପରିଷଦର ନାରାୟଣ ସାହୁ,ବରିଷ୍ଠ ସାମ୍ବାଦିକ ଅଜୟ କୁମାର ସାହୁ,ଅଧାପକ ସୁକାନ୍ତ କୁମାର ଗିରି,କବି କାଳୀପଦ ପଣ୍ଡାଆଇନଜିବୀ ସତ୍ୟପ୍ରକାଶ ବେହେରା,ଉତ୍କଳ ସମ୍ମିଳନୀ ବାଲିଆପାଳ ଶାଖାର ସଂପାଦକ ସନ୍ୟାସୀ ବେହେରା,ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଅବସର ଶିକ୍ଷକ ଝାଡେଶ୍ୱର ପ୍ରଧାନ,ଶିକ୍ଷକ ଅର୍ଦ୍ଧେନ୍ଦୁ ପାଣୀଗ୍ରାହି, ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ଶୋକ ବ୍ୟକ୍ତ କରି ଅମରାତ୍ମାର ସଦଗତି କାମନା କରିଛନ୍ତି ।

ଜଳ ଯୋଗାଣ ବ୍ୟବସ୍ଥାରେ କାର୍ଯ୍ୟରତ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଚେତାବନୀ

ଭଦ୍ରକ,୬।୧୦ (ନି.ପ୍ର): ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଜଳ ଯୋଗାଣ ବ୍ୟବସ